# ନୋଟାରୁ କମ୍ ଭୋଟ ପାଇଲେ ୪ ପ୍ରାର୍ଥୀ

**ଲୋଇସିଂହା,୧୦।୬(ସୁଶାନ୍ତ ବାରିକ)**

**ଲୋଇସିଂହା ନିର୍ବାଚନମଣ୍ଡଳୀ**
**■୨୮୭ ବୁଥ୍‌ରେ ନୋଟା ବ୍ୟବହାର କରିଛନ୍ତି ମତଦାତା**

ଜୁନ ୪ ତାରିଖରେ ୨୦୨୪ ସାଧାରଣ ନିର୍ବାଚନର ଫଳାଫଳ ପ୍ରକାଶ ପାଇ ସାରିଛି। ବୁଥ୍ ୱାରି ମତଦାନର ତାଲିକା ଏବେ ସାଧାରଣରେ ଘୁରି ବୁଲୁଛି। ଉକ୍ତ ତାଲିକାରୁ ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀର ଏକ ରୋଚକ ତଥ୍ୟ ହସ୍ତଗତ ହୋଇଛି। ୨୧୫୦ ଜଣ ମତାଦାତା ଏଥର ନୋଟା ବ୍ୟବହାର କରିଛନ୍ତି। ନିର୍ବାଚନମଣ୍ଡଳୀର ୨୭, ୭୮, ୧୧୭, ୧୩୮,୧୭୦,୨୪୮ ଓ ୨୮୪ ବୁଥକୁ ଛାଡି ଦେଲେ ଅବଶିଷ୍ଟ ବୁଥରେ ନୋଟାରେ ମତଦାନ ପଡିଛି। ନିର୍ବାଚନମଣ୍ଡଳୀ ଅଧୀନ ପୁଇଁତଲା ବ୍ଲକରେ ସର୍ବାଧିକ ୧୧୦ ବୁଥ ରହିଛି। ସେଥିରୁ ୩୦ ବୁଥରେ ଦୁଇ ଅଙ୍କ ବିଶିଷ୍ଟ ମତଦାତା ନୋଟାରେ ମତଦାନ କରିଛନ୍ତି। ଉକ୍ତ ବ୍ଲକର ୨୩୬ ନଂ ବୁଥରେ ୮୭୩ ଜଣ ମତଦାତା ମତଦାନ କରିଥିବା ବେଳେ ସର୍ବାଧିକ ୩୦ ଜଣ ମତାଦାତା ନୋଟା ବ୍ୟବହାର କରିଛନ୍ତି। ସେହିପରି ଲୋଇସିଂହା ବ୍ଲକର ୯୩ ବୁଥରୁ ୨୭ ବୁଥରେ ଦୁଇ ଅଙ୍କ ବିଶିଷ୍ଟ ମତଦାତା ନୋଟା ବ୍ୟବହାର କରିଛନ୍ତି। କପିଲବାହାଲର ୧୭୪ ବୁଥରେ ୭୬୮ ଜଣ ମତଦାନ କରିଥିବା ବେଳେ ୧୭ ଜଣ ମତଦାତା ନୋଟା ବ୍ୟବହାର କରିଛନ୍ତି। ସେହିପରି ଆଗଲପୁର ବ୍ଲକର ୯୩ ବୁଥରୁ ୧୯ ବୁଥରେ ଦୁଇ ଅଙ୍କ ବିଶିଷ୍ଟ ମତଦାତା ନୋଟା ବ୍ୟବହାର କରିଛନ୍ତି । ଏହି ବ୍ଲକର ଲୁହୁରାମୁଣ୍ଡା ୫୮ ନଂ ବୁଥରେ ୬୩୦ ଜଣ ମତଦାନ କରିଛନ୍ତି। ଏଠାରେ ସର୍ବଧିକ ୧୯ ଜଣ ମତଦାତା ନୋଟା ବ୍ୟବହାର କରିଛନ୍ତି। ଆଗଲପୁର ବ୍ଲକର ୨୭ ନଂ ବୁଥ ବାଗଝୁଲାରେ ୩୨୩ ମତଦାତା, ୭୮ ନଂ ବୁଥ ପଣ୍ଡକିଟାଲରେ ୩୫୧ ଜଣ ମତଦାତା, ୮୦ ନଂ ବୁଥ କରକଟିଆର ୨୭୩ ମତଦାତା ମତଦାନ କରିଛନ୍ତି। ସେହିପରି ଲୋଇସିଂହା ବ୍ଲକର ୧୧୭ ନଂ ବୁଥର ୪୮୧ ମତଦାତା, ୧୩୮ ବୁଥ ପିପିଲର ୯୨୭ ମତଦାତା, ୧୭୦ ନଂ ବୁଥ ବାଗଡିଆର ୧୩ ମତଦାତା ରହିଛନ୍ତି । ପୁଇଁତଲା ବ୍ଲକର ୨୪୮ ନଂ ବୁଥ, ଚିଚିଣ୍ଡାପାଲିର ୩୬୨ ମତଦାତା ଓ ୨୮୪ ବୁଥ ବୁର୍କାବାହାଲର ୪୩୦ ଜଣ ମତଦାନ କରିଛନ୍ତି । ୩ ବ୍ଲକର ଏହି ୭ ଟି ବୁଥରେ କେହି ନୋଟା ବ୍ୟବହାର କରିନାହାନ୍ତି ପ୍ରକାଶ ଯେ,ଲୋକସଭା ପ୍ରାର୍ଥୀଙ୍କ ସମେତ ନିର୍ବାଚନମଣ୍ଡଳୀର ୭ ଜଣ ବିଧାୟକ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ। ଭାଜପା,ବିଜେଡି,କଂଗ୍ରେସ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ଛାଡି ଦେଲେ ୪ ଜଣ ପ୍ରାର୍ଥୀ ନୋଟା ଠାରୁ କମ୍ ଭୋଟ ପାଇଛନ୍ତି । ଏନଏପିର ସରୋଜ କୁମାର ସୁନା ୧୪୩୭ ଖଣ୍ଡ, ଏପିଓଏଲ ର ଲାଲମନ ନାଗ ୮୯୧ ଖଣ୍ଡ, ସ୍ୱାଧୀନ ପ୍ରାର୍ଥୀ କୁବେର ସୁନା ୧୧୫୯, ବିଏସପିର ଗୋବିନ୍ଦ ବିଭାର ୧୬୫୧ ଖଣ୍ଡ ଭୋଟ ପାଇଥିବା ହସ୍ତଗତ ହୋଇଛି । ଉଲ୍ଲେଖ ଯୋଗ୍ୟ, ୨ ଲକ୍ଷ ୪୪ ହଜାର ୩୯୭ ମତଦାତାଙ୍କ ମଧ୍ୟରୁ ୧ ଲକ୍ଷ ୮୭ ହଜାର ୭୯ ମତଦାତା ମତଦାନ କରିଛନ୍ତି।

# ଲାୟନ୍ସ କ୍ଲବର ୪୫ତମ ପ୍ରତିଷ୍ଠା ଦିବସ



ଶପଥ ପାଠ ଅବସରରେ ଉପସ୍ଥିତ ଅତିଥି ବୃନ୍ଦ।

**ଟିଟିଲାଗଡ,୧୦।୬(ଶରତ ମିଶ୍ର)**

**ଚଳିତବର୍ଷ ପାଇଁ ଗଙ୍ଗାଧର ସଭାପତି ଓ ଆବାସ ସମ୍ପାଦକ**

ସ୍ଥାନୀୟ ଗୋବିନ୍ଦ ବାଟିକା ପରିସରରେ ଟିଟିଲାଗଡ ଲାୟନ୍ସ କ୍ଲବର ୪୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିସହ ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌର ଅଧ୍ୟକ୍ଷା ମମତା ଦେବୀ ଜୈନ, ସମ୍ମାନିତ ଅତିଥି ଭାବେ ସଂସ୍ଥାପନ ଅଧିକାରୀ ପ୍ରବୀଣ ଅଗ୍ରୱାଲ, ପିଏମ ଜେଏଫ ଲାୟନ ସଞ୍ଜୟ ସାହୁ,ଏମଜେଏଫ ଲାୟନ ଯମୁନା ପ୍ରସାଦ ଗୋୟଲ ଯୋଗ ଦେଇଥିଲେ। ପୂର୍ବତନ ସଭାପତି ସନ୍ତୋଷ ମହାନ୍ତି,ଦୀପକ ପୃଷ୍ଟି, ଲିଙ୍ଗରାଜ ସାହୁ, କୋଷାଧ୍ୟକ୍ଷ ସଜ୍ଜନ କମାନୀ ଅତିଥିଙ୍କ ସହ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସଭାପତି ସନ୍ତୋଷ ମହାନ୍ତି ନିଜ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଅଜିତ ପାତ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଚଳିତବର୍ଷ ପାଇଁ ସଭାପତି ଭାବେ ଲାୟନ ଗଙ୍ଗାଧର ଶର୍ମା ଓ ସମ୍ପାଦକ ଭାବରେ ଲାୟନ ଏମ ଡି ଆବାସ ଖାନ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟା ସଦସ୍ୟଙ୍କ ସହ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଆକବର ଖାନ୍ କଂଗ୍ରେସରୁ ବହିଷ୍କୃତ

**ବଲାଙ୍ଗୀର,୧୦।୬(ବୀରେନ୍ଦ୍ର କୁମାର ଝାଙ୍କର)**

ପିସିସି ସମ୍ପାଦକ ଆକ୍‌ବର ଖାନଙ୍କୁ କଂଗ୍ରେସ ଦଳରୁ ବହିଷ୍କାର କରାଯାଇଥିବା ଜଣାପଡିଛି। ଦଳୀୟ ଶୃଙ୍ଖଳା ଭଙ୍ଗ ଏବଂ ଦଳ ବିରୋଧୀ କାର୍ଯ୍ୟ ଯୋଗୁ ତାଙ୍କୁ ପିସିସି ସଭାପତି ଶରତ ପଟ୍ଟନାୟକ ୬ ବର୍ଷ ପାଇଁ ବହିଷ୍କୃତ କରିଥିବା ସମ୍ପର୍କରେ ପିସିସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ଚିଠି କରି ଜଣାଇଛନ୍ତି। କାର୍ଯ୍ୟାନୁଷ୍ଠାନ ସକାଶେ ଏହି ଚିଠି ଜିଲା କଂଗ୍ରେସ ସଭାପତି ଅଶୋକ ନନ୍ଦଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି। ଜିଲା କଂଗ୍ରେସ ସଭାପତି ନନ୍ଦ ଖାନ୍‌ଙ୍କ ବହିଷ୍କାର ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସଦ୍ୟ ସମାପ୍ତ ନିର୍ବାଚନରେ କଂଗ୍ରେସ ଦଳର ବିଫଳତା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଏବଂ ପୂର୍ବତନ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ ଦାୟୀ କରି ଶନିବାର ପିସିସି ସମ୍ପାଦକ ଖାନ୍ ବଲାଙ୍ଗୀରଠାରେ ଖବରଦାତା ସମ୍ମିଳନୀ କରି ଦୁଇ ବରିଷ୍ଠ ନେତାଙ୍କୁ କଡା ସମାଲୋଚନା କରିଥିଲେ।

# ଦେଓଗାଁରେ ଶୀତଳଷଷ୍ଠୀ ପାଳିତ


ଦେଓଗାଁ ଯୋଗେଶ୍ୱର ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ଯୋଗେଶ୍ୱର ବାବାଙ୍କ ବିବାହୋତ୍ସବ ଚାଲିଛି।

**ଦେଓଗାଁ,୧୦।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଯୋଗିସାଗରସ୍ଥିତ ଯୋଗେଶ୍ୱର ମନ୍ଦିରରେ ଶିବ ବିବାହ ଉତ୍ସବ ଆଡମ୍ବର ସହକାରେ ପାଳିତ ହୋଇଛି। ଶୀତଳଷଷ୍ଠୀ ଉତ୍ସବ ପରିଚାଳନା କମିଟି ତତ୍ତ୍ୱାବଧାନରେ ଅନୁଷ୍ଠିତ ବିବାହୋତ୍ସବରେ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ଡିଜେ, ସଂକୀର୍ତ୍ତନ୍ୟ ଦଳ ସହ ଗ୍ରାମ ପରିକ୍ରମା କରି କନ୍ଧପାଲିସ୍ଥିତ କନ୍ୟା ପିତାଙ୍କ ବାସଭବନକୁ ଶ୍ରୀଶ୍ରୀ ଯୋଗେଶ୍ୱର ବାବାଙ୍କ ବରାନୁଗମନ ହେବା ପରେ ସେଠାରେ ବିବାହୋତ୍ସବ ସମ୍ପନ୍ନ ହୋଇଥିଲା। ପରେ ନବବିବାହିତ ଦେବ ଦମ୍ପତିଙ୍କ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ପ୍ରୀତିଭୋଜନ ସହ କାର୍ଯ୍ୟକ୍ରମ ସମ୍ପନ୍ନ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ। ଚଳିତବର୍ଷ ବର ପିତାମାତା ଭାବେ କ୍ଷୀରୋଦ୍ର ସେଠ ଓ ତାଙ୍କ ସ୍ତ୍ରୀ ବିନୋଦିନୀ ସେଠ ଦାୟିତ୍ୱ ତୁଲାଇଥିବା ବେଳେ କନ୍ୟା ପିତାମାତା ଭାବେ କନ୍ଧପାଲିପଡାର ମଗଶିର ସାହୁ ଓ ତାଙ୍କ ସ୍ତ୍ରୀ ଉଷା ସାହୁ ଦାୟିତ୍ୱ ନିର୍ବାହ କରିଥିଲେ । ପୂଜକ ଭାବେ ସାଧୁଚରଣ ନାୟକ(ଗୁଲୁ), ଯୋଗେଶ୍ୱର ବାବାଙ୍କ ପୂଜକ ରୁଦ୍ର ନାରାୟଣ ଥନାପତି ଦାୟିତ୍ୱ ତୁଲାଇଥିଲେ । କମିଟି ସଭାପତି ଘନଶ୍ୟାମ ବାରିକ,ସମ୍ପାଦକ ଚନ୍ଦ୍ରଚୂଡ ବେହେରା,ସଭ୍ୟ ପ୍ରହଲ୍ଲାଦ ପାତ୍ର, ବିରେନ ଜୁଏଡ, ସୁରେନ ଯୁଏଡ,ଗୋବର୍ଦ୍ଧନ ଦଲାଇ, ଆଜେନ୍ଦ୍ର ସାହୁ, ଗୌରୀ ଶଙ୍କର ଥନାପତି. ସୁଦାମ ସାହୁ, ଶିବାନନ୍ଦ କର୍ତ୍ତି, ଭୋଲା ଶଙ୍କର ସାହୁ, ରୋହିତ ପନୁଆଁ ତଥା କର୍ମକର୍ତ୍ତା ବୃନ୍ଦ ସହଯୋଗ କରିଥିଲେ।

# ନଳକୂପ ଅଚଳ: ଲୋକେ ପାଣି ପାଇଁ ହନ୍ତସନ୍ତ

**ଲାଠୋର,୧୦।୬(ଭୁବନେଶ୍ୱର ବାରିକ)**


ଲାଠୋର ମାର୍କେଟ ପାଖରେ ଥିବା ଅଚଳ ନଳକୂପ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ମାର୍କେଟ ଏରିଆ ନିକଟରେ ଥିବା ନଳକୂପ ଅଚଳ ହୋଇପଡିଛି। ଏହାକୁ ମରାମତି କରିବା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି କେହି ନଜର ଦେଉ ନ ଥିବା ଅଭିଯୋଗ ହେଉଛି। ବହୁ ଦିନ ତଳେ ମାର୍କେଟ ନିକଟ ଏକ କ୍ଷୀର ଦୋକାନ ସମ୍ମୁଖରେ ଏହି ନଳକୂପ ଖୋଳା ଯାଇଥିଲା। ସେହି ନଳକୂପ ଉପରେ ଆଖପାଖର ଦୋକାନୀ ନିର୍ଭର କରୁଥିଲେ। ସପ୍ତାହର ରବିବାର ଏବଂ ବୁଧବାର ହାଟ ପାଳିରେ ବିଭିନ୍ନ ଗ୍ରାମରୁ ଆସୁଥିବା ଲୋକ ଏହି ନଳକୂପ ପାଣିକୁ ପାନୀୟ ଭାବେ ବ୍ୟବହାର କରୁଥିଲେ । ହେଲେ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ନଳକୂପ ଖରାପ ହୋଇ ପଡ଼ିରହିଛି। ଫଳରେ ନିକଟରେ ରହିଥିବା ଦୋକାନୀ ତଥା ବିଭିନ୍ନ ଗ୍ରାମରୁ ବଜାରକୁ ଆସୁଥିବା ଲୋକ ପାନୀୟ ଜଳ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛି ଦିନ ହେବ ପ୍ରଚଣ୍ଡ ଗରମ ଅନୁଭୂତ ହେଉଥିବା ବେଳେ ପଞ୍ଚାୟତ ପକ୍ଷରୁ ଜଳଛତ୍ରର ବ୍ୟବସ୍ଥା ନାହିଁ। ଏପରି ସ୍ଥଳେ ନଳକୂପ ଖରାପ ହେବା ପରିସ୍ଥିତିକୁ ସଙ୍ଗୀନ କରି ପକାଉଛି। ଏ ନେଇ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯଥାଶୀଘ୍ର ନଳକୂପ ମରାମତି କରିବାକୁ ସାଧାରଣରେ ଦାବି ହେଉଛି ।

# କୋମନାଠାରେ ପରିବେଶ ସଚେତନତା କାର୍ଯ୍ୟକ୍ରମ

**ନୂଆପଡ଼ା,୧୦।୬ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ସ୍ଥାନୀୟ ଯୁବକମାନଙ୍କୁ ନେଇ ସୋମବାର ପରିବେଶ ସଚେତନତା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଗର ଠେଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବୃକ୍ଷ ରୋପଣ, ପ୍ଲାଷ୍ଟିକ ବର୍ଜନ ଉପରେ ଆଲୋଚନା ସହ ଆଗାମୀ ବନ ମହୋତ୍ସବରେ ଆଖପାଖ ଅଞ୍ଚଳରେ ଚାରା ରୋପଣ କରିବା ସହ ପ୍ରତ୍ୟେକ ଗାଁକୁ ଯାଇ ପରିବେଶ ଉପରେ ସଚେତନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଦିନକୁ ଦିନ ବୃକ୍ଷ ହ୍ରାସ ପାଉଥିବାରୁ ଅସନ୍ତୁଳିତ ପରିବେଶରେ ଗରମ ଅନୁଭୂତ ହେଉଛି। ଜଣ ପିଛା ଗୋଟିଏ ଚାରା ରୋପଣ କରି ତାହାର ଯତ୍ନ ନେବାକୁ ଆଲୋଚନା ହୋଇଥିଲା। ବନ ମହୋତ୍ସବରେ ଗାଁ ଗାଁରେ ଚାରା ରୋପଣ ସହ ପ୍ରତ୍ୟେକ ଘରକୁ ଯାଇ ଏ ଦିଗରେ ସଚେତନ କରିବାକୁ ଯୁବକମାନେ ଶପଥ ନେଇଥିଲେ। ଗୌତମ ଦୁରିଆ ସଭା ପରିଚାଳନା କରିଥିବା ବେଳେ କୈବଲ୍ୟ ଦୀପ, ଦୀନେଶ ନାୟକ, ସଞ୍ଜୁ ତାଣ୍ଡି, ରାହୁଲ ଭୋଇ, ଅନୁପ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଶିବ-ପାର୍ବତୀଙ୍କ ବିବାହ ସମ୍ପନ୍ନ

**ବଲାଙ୍ଗୀର,୧୦।୬ (ବୀରେନ୍ଦ୍ର କୁମାର ଝାଙ୍କର)**


ବଲାଙ୍ଗୀର ଏବିଏସ୍‌ଏସ୍ ରୋଡ କନ୍ୟା ପିତା ବାସଭବନରେ ଶ୍ରୀ ସିଦ୍ଧେଶ୍ୱର ବାବା ଓ ଦେବୀ ପାର୍ବତୀଙ୍କ ବିବାହ ପାଣିଗ୍ରହଣ କରାଯାଉଛି।

ବଲାଙ୍ଗୀର ସହରରେ ସୋମବାର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଛି। ବିଭିନ୍ନ ପଡାରେ ଶୀତଳଷଷ୍ଠୀ ପୂଜା କମିଟି ପକ୍ଷରୁ ମହାସମାରୋହରେ ମହାପ୍ରଭୁ ଶିବ ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ବଲାଙ୍ଗୀର ଏବିଏସ୍‌ଏସ୍ ଶୀତଳଷଷ୍ଠୀ ପୂଜା କମିଟି ପକ୍ଷରୁ ୩୬ତମ ଶୀତଳଷଷ୍ଠୀ ମହୋତ୍ସବ ଆୟୋଜନ ଅବସରରେ ସ୍ଥାନୀୟ ଏବିଏସ୍‌ଏସ୍ ପଡାରେ କନ୍ୟା ପିତାମାତା ଗୋପାଳ ଚନ୍ଦ୍ର ବରେଇ ଓ ସୁଷମା ବରେଇଙ୍କ ବାସଭବନରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ବାବା ଓ ଜଗତଜନନୀ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ଲାଲଟିକ୍ରା ନିବାସୀ ବର ପିତାମାତା ସନ୍ତୋଷ ପଟ୍ଟନାୟକ ଏବଂ ଡ. ସ୍ୱାସ୍ତିରେଖା ନାୟକଙ୍କ ବାସଭବନରୁ ସୁସଜ୍ଜିତ ରଥରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ବାବାଙ୍କ ବରଯାତ୍ରୀ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରା ଏବିଏସ୍‌ଏସ୍ ରୋଡ ସ୍ଥିତ କନ୍ୟା ପିତାମାତାଙ୍କ ବାସଭବନକୁ ଆସିଥିଲା। କନ୍ୟା ପକ୍ଷ ଲୋକେ ବରପାତ୍ର ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ବାବାଙ୍କୁ ପାରମ୍ପରିକ ରୀତିନୀତିରେ ବିବାହ ମଣ୍ଡପକୁ ନେଇଯାଇଥିଲେ। ବରଯାତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଅପରାହ୍ଣରେ ନିର୍ଦ୍ଧାରିତ ସମୟରେ ଶ୍ରୀ ସିଦ୍ଧେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ବରଯାତ୍ରୀ ଦଳକୁ ବିବାହ ଭୋଜି ଦେଇ ଆପ୍ୟାୟିତ କରାଯାଇଥିଲା। ଏବିଏସ୍‌ଏସ୍ ଶୀତଳ ଷଷ୍ଠୀ ପୂଜା କମିଟି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଦେବଦମ୍ପତିଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ସମ୍ପନ୍ନ ହେବ ବୋଲି ସୂଚନା ଦିଆଯାଇଛି। ବଲାଙ୍ଗୀର ସାଗରପଡାରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ବାବା ଓ ଦେବୀ ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ବର ପିତାମାତା ସୁମିତ ପୁରୋହିତ ଓ ପୟୋସ୍ୱିନୀ ପୁରୋହିତଙ୍କ ବାସଭବନରୁ ଶ୍ରୀବାଲୁଙ୍କେଶ୍ୱର ବାବାଙ୍କ ବରଯାତ୍ରୀ ଶୋଭାଯାତ୍ରା ଆରମ୍ଭ ହୋଇ କନ୍ୟା ପିତାମାତାଙ୍କ ବାସଭବନକୁ ଯାଇଥିଲା। ସୁସଜ୍ଜିତ ରଥରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ବାବାଙ୍କୁ ନିଆଯାଇଛି। କନ୍ୟା ପିତାମାତା ସୁଦାମ ଦାଶ ଓ ମୁନକୀରାଣୀ ଦାଶ ବରପାତ୍ର ଶ୍ରୀ ବାଲୁଙ୍କେଶ୍ୱର ବାବାଙ୍କୁ ସ୍ୱାଗତ କରିଛନ୍ତି। କନ୍ୟା ପକ୍ଷରୁ ବରଯାତ୍ରୀ ଦଳକୁ ଭୋଜି ଅଭ୍ୟର୍ଥନା ଦିଆଯାଇଥିଲା। ସୋମବାର ରାତି ୧ଟା ୪୦ରୁ ୩ଟା ୪ ମିନିଟ୍ ମଧ୍ୟରେ ବିବାହ ସମ୍ପନ୍ନ ହେବ। ସମସ୍ତ ପ୍ରସ୍ତୁତି ସରିଛି। ମଙ୍ଗଳବାର ଶୀତଳଷଷ୍ଠୀ ମହୋତ୍ସବ ଅନୁଷ୍ଠିତ ହେବ ଏବଂ ବୁଧବାର ଦିନ ଦେବଦମ୍ପତିଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ହେବ ବୋଲି ସାଗରପଡା ବାଲୁଙ୍କେଶ୍ୱର ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହାସହିତ ବ୍ରାହ୍ମଣପଡା, ସୁଦପଡା, ଗାନ୍ଧୀନଗର ପଡା, ରାଧାରାଣୀପଡାରେ ଶୀତଳଷଷ୍ଠୀ ଯାତ୍ରା ମହାସମାରୋହରେ ହେଉଛି।

**■ଦେବଦମ୍ପତିଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ**
**■ଉତ୍ସବମୁଖର ହେଲା ବଲାଙ୍ଗୀର ସହର**


ସାଗରପଡା ବାଲୁଙ୍କେଶ୍ୱର ପୂଜା କମିଟି ପକ୍ଷରୁ ଶ୍ରୀ ବାଲୁଙ୍କେଶ୍ୱର ବାବାଙ୍କ ବରଯାତ୍ରୀ ଶୋଭାଯାତ୍ରା।

# ୧ କୁଇଣ୍ଟାଲ ଗଞ୍ଜେଇ ଜବତ: ୨ ଗିରଫ


ଜବତ ଗଞ୍ଜେଇ।

**ଟିଟିଲାଗଡ଼,୧୦।୬(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ଶିଶାକାନି ଗ୍ରାମରେ ସୋମବାର ପୋଲିସ ଚଢ଼ାଉ କରି ୧ କୁଇଣ୍ଟାଲ ୩୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏନେଇ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସନ୍ଧ୍ୟାରେ ଟିଟିଲାଗଡ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସଡିପିଓ ଅଙ୍କିତା କୁମ୍ଭାର ଏବଂ ଥାନା ଆଇଆଇସି ଅବନୀ ସାହୁ ଏହି ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ଏସଆଇ ପ୍ରଦୀପ ଦୁରିଆଙ୍କ ନେତୃତ୍ୱରେ ପୋଲିସ ପାଟ୍ରୋଲିଂ ସମୟରେ ଶିଶାକାନି ଗ୍ରାମର ଚିନ୍ତାମଣୀ ଦାଶଙ୍କ ଘରେ ବ୍ୟାପକ ଗଞ୍ଜେଇ ରହିଥିବା ସୂଚନା ମିଳିଥିଲା। ଫଳରେ ଭାରପ୍ରାପ୍ତ ମାଜିଷ୍ଟ୍ରେଟ ଶକୁନ୍ତଳା ହାଁସଦା, ଏସଡିପିଓ, ଆଇଆଇସି, ଏଏସଆଇ ସୁବାସ ସାହୁ ପ୍ରମୁଖ ଚଢାଉ କରି ଉକ୍ତ ଘରେ ଥିବା ଗଞ୍ଜେଇ ଜବତ କରିଥିଲେ। ଏହି ଘଟଣାରେ ମଧ୍ୟପ୍ରଦେଶର ଜବଲପୁର ଅଞ୍ଚଳର ଅଙ୍କିତ କୋରି ଏବଂ ତାଙ୍କ ସ୍ତ୍ରୀ ମନସିକା କୋରିଙ୍କୁ ପୋଲିସ ଗିରଫ କରିଥିଲା। ଅଭିଯୁକ୍ତ ଉକ୍ତ ଘରେ ଭଡାରେ ରହୁଥିବା ଜଣାଯାଇଛି। ଏହାସହ ଦୁଇଟି ବାଇକ୍ ଓ ଦୁଇଟି କାର ଜବତ କରାଯାଇଛି। ଏନେଇ ଏକ ମାମଲା ରୁଜୁ ସହ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ଚଙ୍ଗରିଆ ଗାଁରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ



**ଖପ୍ରାଖୋଲ,୧୦।୬(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ଗାଁ ରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ କଳସ ଶୋଭାଯାତ୍ରା ସହ ରବିବାର ନାମଯଜ୍ଞ ଆରମ୍ଭ ହୋଇଥିଲା। ପୂଜା କର୍ତ୍ତା ରୂପେ ପ୍ରମୋଦ ବାଗ ସସ୍ତ୍ରୀକ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ବିପିନ ବିହାରୀ ରଥ ପୂଜା କାର୍ଯ୍ୟ ତୁଲାଇ ଥିଲେ। ଗ୍ରାମ କମିଟି ସଭାପତି ରମେଶ ବଗାର,ମାଧବ ବରିହା,ସମ୍ପାଦକ ମନୋଜ ମେହେର,ପିଣ୍ଟୁ ବାଗ, ସଞ୍ଜୀବ ଥପା, ଅଭିମନ୍ୟୁ ବଗାରଙ୍କ ସମେତ ଚଙ୍ଗରିଆ ଗ୍ରାମବାସୀ ସହଯୋଗ କରିଥିଲେ। ଅଷ୍ଟ ପ୍ରହର ନାମଯଜ୍ଞରେ ୫ଟି ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ।

# ଅର୍ଦ୍ଧଭଗ୍ନ ଅବସ୍ଥାରେ ସୋନପୁର ରାଜପ୍ରସାଦ

## ପୁନରୁଦ୍ଧାର ଦାବି

ସୋନପୁର,୧୦।୬(ମୃତ୍ୟୁଞ୍ଜୟ ଶତପଥୀ)

ସମୃଦ୍ଧ ଇତିହାସର ମୂକସାକ୍ଷୀ ସୋନପୁର ରାଜପ୍ରାସାଦ ଏବେ ଅର୍ଦ୍ଧଭଗ୍ନ ଅବସ୍ଥାରେ ଅଛି। ଧିରେଧିରେ ଏହା ଭାଙ୍ଗିବାକୁ ବସିଲାଣି। ଏକଦା ସୋନପୁର ଗଡଜାତର ଶାସନଗତ ପ୍ରଭାବ, ପ୍ରତିଷ୍ଠା ଓ ପ୍ରତିପତ୍ତି ବେଶ ପ୍ରଭାବଶାଳୀ ଥିଲା। ଜାତୀୟସ୍ତରରେ ସୋନପୁର ମହାରାଜାଙ୍କ ସ୍ୱତନ୍ତ୍ର ସ୍ଥାନ ରହିଥିଲା। ସୁବର୍ଣ୍ଣପୁରର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟର ମୂକସାକ୍ଷୀ ଏହି ରାଜପ୍ରାସାଦ। ଏଠାରେ ହିଁ ତତ୍କାଳୀନ ସୋନପୁର ଗଡଜାତର ବହୁ ସ୍ମୃତି ଲିପିବଦ୍ଧ ହୋଇ ରହିଛି। ମହାନଦୀ କୂଳରେ ପଥର ବନ୍ଧି ଏହି ରାଜପ୍ରାସାଦ ଅତି ସୁଦୃଢ ଭାବେ ନିର୍ମାଣ ହୋଇଥିଲା। ଏହା ସମ୍ପୂର୍ଣ୍ଣ ଧ୍ୱଂସ ହୋଇ ମାଟିରେ ମିଶି ଯିବା ପୂର୍ବରୁ ପୁନରୁଦ୍ଧାର ପାଇଁ ଜିଲାର ବୁଦ୍ଧିଜୀବୀ ଦାବି କରିଛନ୍ତି।

ରାଜା ବୀରମିତ୍ରୋଦୟ ସିଂହଦେଓ ୮ ଅଗଷ୍ଟ ୧୯୦୨ରୁ ୨୯ ଏପ୍ରିଲ ୧୯୩୭ ପର୍ଯ୍ୟନ୍ତ ସୋନପୁର ଗଡଜାତକୁ ଶାସନ କରିଥିଲେ। ତାଙ୍କ ଶାସନ କାଳରେ ୧୯୦୫ରେ ସୋନପୁର ରାଜ୍ୟ ସେଣ୍ଟ୍ରାଲ ପ୍ରୋଭିନ୍ସରୁ ପଶ୍ଚିମବଙ୍ଗ ଅଧୀନସ୍ଥ କମିଶନର ଅଫ ଓରିଶା ଡିଭିଜନକୁ ଆସିଥିଲା। ବିଭିନ୍ନ ଅନୁଷ୍ଠାନର ଉନ୍ନତି ତଥା ରାଜ୍ୟର ବିକାଶ ପାଇଁ ୧୯୨୫ରେ ରାଜା ସୋନପୁର ଟ୍ରଷ୍ଟ ଫଣ୍ଡ ଗଠନ କରିଥିଲେ। ସେ ରେଭେନ୍ସା କଲେଜର ଇଂରାଜୀ ବିଭାଗରେ ସୋନପୁର ଚେୟାର ଏବଂ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗରେ ସୋନପୁର ଚେୟାର ପ୍ରତିଷ୍ଠା କରିଥିଲେ। ଓଡ଼ିଆ ଭାଷାର ସୁରକ୍ଷା, ପ୍ରଚାର ପ୍ରସାର ଓ କଲିକତା ବିଶ୍ୱବିଦ୍ୟାଳୟକୁ ବୀରମିତ୍ରୋଦୟ ସିଂହଦେଓଙ୍କ ଅବଦାନ ଅତୁଳନୀୟ। ରାଜାଙ୍କ ଦରବାରରେ ବହୁ ବିଜ୍ଞ ବ୍ୟକ୍ତିଙ୍କୁ ରଖି ସେ ଶତାଧିକ ପୁସ୍ତକ ପ୍ରକାଶ କରି ଯାଇଛନ୍ତି। ଶିକ୍ଷାର ବିକାଶ ପାଇଁ ୧୯୧୩ରେ ମହାରାଜା ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। ତେବେ ସମୃଦ୍ଧ ଇତିହାସର ମୂକସାକ୍ଷୀ ସାଜିଛି ଅର୍ଦ୍ଧଭଗ୍ନ ରାଜପ୍ରାସାଦ। ନିଆରା ଢଙ୍ଗରେ ନିର୍ମାଣ ହୋଇଥିବା ସୋନପୁର ରାଜ ପ୍ରାସାଦ ଏବେ ମାଟିରେ ମିଶିଯିବାକୁ ବସିଛି। ରାଜବାଟିର ଛାତ ଉପରେ ଛିଡା ହୋଇ ମହାନଦୀର ଦୃଶ୍ୟ ଅବଲୋକନ କରୁଥିଲେ ରାଜ ପରିବାର। ସୋନପୁର ରାଜପ୍ରାସାଦ ଭିତରେ ଥିଲା ବାଦଲ ମହଲ, ଅସ୍ତ୍ରାଗାର, କୋଷାଗାର, କଚେରୀ ଓ ରାଜସ୍ୱ କାର୍ଯ୍ୟାଳୟ। ଏଠାରେ ଥିବା ରାଣୀ ଅନନ୍ତପୁର ଓ ରାଣୀ ଉଆସ ଖୁବ୍ କାରୁକାର୍ଯ୍ୟପୂର୍ଣ୍ଣ ଥିଲା। ସୋନପୁରର ଶେଷ ରାଜା ସୁଧାଂଶୁଭୂଷଣ ସିଂହଦେଓଙ୍କ ଶାସନ କାଳ ୧୯୪୮ ଯାଏ ଏକ ବିସ୍ତୀର୍ଣ୍ଣ ଭୂଖଣ୍ଡର ଶାସନ କେନ୍ଦ୍ର ଥିଲା ଏହି ରାଜପ୍ରାସାଦ। ଦୀର୍ଘ ବର୍ଷ ଧରି ଏହି ରାଜପ୍ରାସାଦରେ ରାଜାଙ୍କ ଦାୟାଦ କେହି ରହୁନାହାନ୍ତି। ତେଣୁ ରକ୍ଷଣାବେକ୍ଷଣ ଅଭାବରୁ ଏହି ରାଜପ୍ରାସାଦ ଏବେ ଧ୍ୱଂସାଭିମୁଖୀ। ପ୍ରସାଦ ଭିତରେ ଥିବା ଖୁବ୍ ସୁନ୍ଦର ଗମ୍ବୁଜ ଓ କାନ୍ଥ ସବୁ ଭାଙ୍ଗିରୁଜି ଗଲାଣି। ଏଭଳି ଅବସ୍ଥା ହେଲାଣି ଏହି ରାଜାଘର ଦିନେ ମାଟିରେ ମିଶିଯିବ। ଇତିହାସ ପୃଷ୍ଠାରେ କେବଳ ସ୍ମୃତି ହୋଇ ରହିଯିବ ସୋନପୁର ରାଜପ୍ରାସାଦ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି।


ଅର୍ଦ୍ଧଭଗ୍ନ ଅବସ୍ଥାରେ ସୋନପୁର ରାଜପ୍ରାସାଦ।

# ଦେବୀ ପାର୍ବତୀ, ରାମେଶ୍ୱର ବାବାଙ୍କ ହରିଦ୍ରାଦିବାସ


ବର ପିତାମାତାଙ୍କ ହରିଦ୍ରାଦିବାସ।


କନ୍ୟା ମାତାପିତା ଦ୍ୱାରା ହରିଦ୍ରାଦିବାସ।

ପଦ୍ମପୁର, ୧୦।୬ (ପ୍ରଦୀପ୍ତ ଦାଶ)

**ଶୀତଳଷଷ୍ଠୀ ମହୋତ୍ସବ**

ବରଗଡ଼ ଜିଲା ପଦ୍ମପୁର ରାମେଶ୍ୱର ମନ୍ଦିର ଶୀତଳଷଷ୍ଠୀ ମହୋତ୍ସବ ତରଫରୁ ସୋମବାର ବାବା ରାମେଶ୍ୱର ଓ ମା' ପାର୍ବତୀଙ୍କ ହରିଦ୍ରାଦିବାସ ତଥା ହଳଦୀ କାର୍ଯ୍ୟକ୍ରମ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା। କନ୍ୟା ପିତା ପ୍ରଶାନ୍ତ ପଟ୍ଟନାୟକ ଓ କନ୍ୟା ମାତା ଶାନ୍ତିପ୍ରିୟା ପଟ୍ଟନାୟକ ମାତା ପାର୍ବତୀଙ୍କୁ ହିମାଦ୍ରୀ ନଗର ସ୍ଥିତ ନିଜ ବାସଭବନକୁ ଆଣିଥିଲେ। ସକାଳେ ମାଙ୍ଗଳିକ ଗଣସନ ସହିତ ତୈଳଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପବିତ୍ର ତୈଳ ହଳଦୀ ଭକ୍ତଙ୍କୁ ପ୍ରଦାନ କରାଯାଇଥିଲା। ସନ୍ଧ୍ୟା ସମୟରେ ବର ପକ୍ଷରୁ ବରପିତା ମାତା ସେବକ ମେହେର ଓ ମାଧବୀ ମେହେର ଅଳଙ୍କାର ଧାରଣ ପାଇଁ ଏକ ବିରାଟ ଶୋଭାଯାତ୍ରାରେ ପଦ୍ମପୁର ପରିକ୍ରମା କରି ହିମାଦ୍ରୀ ନଗରସ୍ଥିତ ମାତା ପାର୍ବତୀଙ୍କ ଘରକୁ ପହଞ୍ଚିଥିଲେ। ସେଠାରେ କନ୍ୟା ମାତା ପିତା ତଥା ନଗରବାସୀ ସ୍ୱାଗତ କରି ପାଛୋଟି ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ରଘୁନାଥ ତ୍ରିପାଠୀ, ଉଦୟ ନନ୍ଦ, ଗଙ୍ଗାଧର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରୀତିନୀତି ଅନୁସାରେ କାର୍ଯ୍ୟକ୍ରମ ତୁଲାଇଥିଲେ। ସେହିପରି କନ୍ୟା ପକ୍ଷରୁ କନ୍ୟା ପିତା ପ୍ରଶାନ୍ତ ପଟ୍ଟନାୟକ ସମସ୍ତ ନଗରବାସୀ ଓ ବର ପକ୍ଷଙ୍କୁ ଅନ୍ନ ଭୋଜନର ବ୍ୟବସ୍ଥା କରିଥିଲେ।

# ୧୪୦କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ସୋନପୁର/ବିନିକା,୧୦।୬
(ମୃତ୍ୟୁଞ୍ଜୟ ଶତପଥୀ/ରାମଗୋପାଳ ବାଘ)

- ମହାରାଷ୍ଟ୍ରକୁ ଗଞ୍ଜେଇ ଚୋରାଚାଲାଣ
- ଷ୍ଟିଲ ସିଟ୍ ବୋଝେଇ ଟ୍ରକ୍‌ରେ ଚାଲାଣ ହେଉଥିଲା ଗଞ୍ଜେଇ
- ବିଶାଳପାଲିରେ ଅବକାରୀ ବିଭାଗ ଚଢ଼ାଉ

ସୁବର୍ଣ୍ଣପୁର ଜିଲା ସୋନପୁର-ରାମପୁର ରାସ୍ତାର ବିଶାଳପାଲି ଛକରେ ଅବକାରୀ ବିଭାଗ ପକ୍ଷରୁ ସୋମବାର ମଧ୍ୟାହ୍ନରେ ଚଢାଉ ହୋଇଥିଲା। ମହାରାଷ୍ଟ୍ରକୁ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଅଭିଯୁକ୍ତ ତଥା ଟ୍ରକ୍ ମାଲିକଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ଗୋଟିଏ ଟ୍ରକ୍, ୧୪୦ କିଲୋ ଗଞ୍ଜେଇ, ୧୦ଖଣ୍ଡ ଷ୍ଟିଲ୍ ସିଟ୍ ଓ ଗୋଟିଏ ମୋବାଇଲ ଜବତ ହୋଇଛି। ଏ ସମ୍ପର୍କରେ ବିନିକା ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ଜଣାପଡିଛି। ଟ୍ରକ ମାଲିକ ତଥା ରାଜସ୍ଥାନର ବାରମେର ଜିଲା ଟାକୁବେରି ଅଞ୍ଚଳର ଖେମା ରାମ(୩୪)ଙ୍କୁ ଗିରଫ କରାଯାଇଛି। ଖେମା ଏକ ଗୋଲ୍ଡେନ ବ୍ରାଉନ କଲର ଟ୍ରକ ନଂ(ଆରଜେ୦୪-ଜିସି୧୮୦୭)ରେ ମହାରାଷ୍ଟ୍ରର ନାଗପୁରକୁ ଗଞ୍ଜେଇ ଚୋରାଚାଲାଣ କରୁଥିଲେ। ଅବକାରୀ ବିଭାଗର କର୍ମଚାରୀମାନେ ଟ୍ରକ୍‌କୁ ଅଟକ ରଖି ସନ୍ଦେହରେ ତନଖି କରିବା ସମୟରେ ଡାଲାରେ ଷ୍ଟେନ୍ ଲେସ ଷ୍ଟିଲ ସିଟ୍ ସହିତ ୭ଟି ଜରି ବସ୍ତାରେ ଗଞ୍ଜେଇ ମିଳିଥିଲା। ପ୍ରତି ଜରି ବସ୍ତାରେ ୨୦କିଲୋ ଲେଖାଏଁ ଗଞ୍ଜେଇ ଥିଲା। ଟ୍ରକ୍ ମାଲିକ ଖେମା ଅନୁଗୋଳ ଜିନ୍ଦଲ ଡିପୋରୁ ୧୦.୬୧୫ ମେଟ୍ରିକ ଟନ ବିଶିଷ୍ଟ ୧୦ଖଣ୍ଡ ଷ୍ଟେନ୍ ଲେସ ଷ୍ଟିଲ ସିଟ୍ ପରିବହନ ପାଇଁ ବୋଝେଇ କରିଥିଲେ। ତେବେ ଷ୍ଟିଲ୍ ସିଟ୍ ପରିବହନ ଆଳରେ ବୌଦ୍ଧ ଜିଲାରୁ ଗଞ୍ଜେଇ ପରିବହନ ଖେମାଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି। ବିଶ୍ୱସ୍ତସୂତ୍ରରୁ ସୂଚନା ପାଇ ସୁବର୍ଣ୍ଣପୁର ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ସୋନପୁର ରେଞ୍ଜ ଇନିସପେକ୍ଟର ପ୍ରକାଶ ସା, ବିନିକା ସବ୍‌ଇନିସପେକ୍ଟର ବଳବୀର ଗଡନାୟକ, ମୋବାଇଲ ସବ୍‌ଇନିସପେକ୍ଟର ସୁମିତ୍ରା ହେମ୍ବ୍ରମ୍, ଏଏସଆଇ ଡୋଳାମଣି ପ୍ରଧାନ, ପିଣ୍ଟୁ ସାହୁ ଓ ପୃଥ୍ୱୀରାଜ କୁଅଁର ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ।


ଗିରଫ ଅଭିଯୁକ୍ତ, ଜବତ ଗଞ୍ଜେଇ ଓ ଟ୍ରକ।

# ନିର୍ଦ୍ଧାରିତ ସମୟରେ ସମସ୍ତ କାର୍ଯ୍ୟ ସାରିବା ଉପରେ ଗୁରୁତ୍ୱ


ବୈଠକରେ ଜିଲାପାଳ ଓ ଅନ୍ୟମାନେ।

ବୌଦ୍ଧ,୧୦।୬(ଅଜିତ କୁମାର ବାରିକ)

**ବୌଦ୍ଧ ରଥଯାତ୍ରା ପ୍ରସ୍ତୁତି ବୈଠକ**

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆଗାମୀ ରଥଯାତ୍ରାକୁ ମହାସମାରୋହରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅପରାହ୍ନରେ ଜିଲାପାଳ ଜେ ସୋନାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସମସ୍ତଙ୍କୁ ସ୍ୱାଗତ କରିବା ସହିତ ରଥଯାତ୍ରାକୁ ମହାସମାରୋହରେ ପାଳନ କରିବା ପାଇଁ ଉପସ୍ଥିତ ସଦସ୍ୟମାନେ ବିଭିନ୍ନ ପ୍ରସ୍ତାବ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ବୈଠକରେ ବିଗତ ବର୍ଷର ଆୟବ୍ୟୟର ହିସାବ ଦିଆଯାଇଥିଲା। ଚଳିତବର୍ଷ ଏହାକୁ ଧୁମଧାମ୍‌ରେ ପାଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ରଥଯାତ୍ରା ସମୟରେ ଭକ୍ତଙ୍କ ଭିଡ଼କୁ ଲକ୍ଷ୍ୟ ରଖି ଜିଲା ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ଜିଲାପାଳ ସୋନାଲ ନିର୍ଦ୍ଦେଶ ଦେଇଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ପୁରୁଣା ରଥର ସ୍ଥିତି ଅନୁଧ୍ୟାନ କରାଯାଇଥିବା ବେଳେ ରଥ ମରାମତି ପାଇଁ ତୁରନ୍ତ କାଠ ଯୋଗାଇ ଦେବାକୁ ବନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବିଭାଗ ସମନ୍ୱୟ ରଖି ଜରୁରୀ ସେବା ଯୋଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଠାକୁରମାନଙ୍କ ଆଭୂଷଣ ଅଳଙ୍କାର ତଦାରଖ ଓ ମରାମତି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପୂର୍ତ୍ତ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବଡଦାଣ୍ଡର ସ୍ଥିତି ଅନୁଧ୍ୟାନ କରାଯିବା ସହିତ ଆବଶ୍ୟକ ମରାମତି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାଉସୀ ମା' ମନ୍ଦିରରେ ଠାକୁରମାନଙ୍କ ରୋଷଶାଳା ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ରଥଯାତ୍ରା ଓ ବାହୁଡା ଯାତ୍ରା ସମୟରେ ଧାରା ବିବରଣୀ ପ୍ରଦାନ କରାଯିବାକୁ ଜିଲା ସୂଚନା ଓ ଲୋକସଂପର୍କ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଦେବସ୍ନାନ ପୂର୍ଣ୍ଣିମା ଠାରୁ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ଠାକୁରମାନଙ୍କ ନୀତିକାନ୍ତି ପାଳନ ନେଇ ବ୍ରାହ୍ମଣ ସମାଜ ଲଗ୍ନ ପ୍ରଦାନ କରିଥିଲେ। ଠିକ୍ ସମୟରେ ଠାକୁରମାନଙ୍କ ନୀତିକାନ୍ତି ପାଳନ କରାଯିବାକୁ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦିଲିପ କୁମାର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ତଥା ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ସଂପାଦକ ଶଙ୍କର ପ୍ରସାଦ ପୁରୋହିତ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାତ କୁମାର ଦାସ, ଅତିରିକ୍ତ ବନ ସଂରକ୍ଷକ ଆଶିଷ କୁମାର କହଁର, ବୌଦ୍ଧ ଥାନା ଅଧିକାରୀ ଆର.କେ. ମୁନୀ, ପୂର୍ବତନ ନଗରପାଳ ନିବାସ ଚନ୍ଦ୍ର ଦାନୀ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ସମେତ ରଥଯାତ୍ରା ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜୈବିକ ସାର ପ୍ରୟୋଗ ତାଲିମ କର୍ମଶାଳା ଉଦ୍‌ଘାଟିତ



କର୍ମଶାଳାରେ ଅଧିକାରୀ ଓ ଚାଷୀ।

ବଘିଆପଡା,୧୦।୬(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ପାଲଝାରସ୍ଥିତ କୃଷିବିଜ୍ଞାନ କେନ୍ଦ୍ରଠାରେ କୃଷିରେ ଜୈବିକ ସାର ପ୍ରୟୋଗ ତାଲିମ କର୍ମଶାଳା ସୋମବାର ଦିନ ଉଦ୍‌ଘାଟିତ ହୋଇଛି। କର୍ମଶାଳାରେ ଜିଲା ମୁଖ୍ୟ କୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ଅରୁଣ କୁମାର ପାଣ୍ଡେ, ଯାନ୍ତ୍ରିକ ଅଧିକାରୀ ରଞ୍ଜିତ କୁମାର ଦାସ, ମୟୁରୀ ସିଂ ସରଦାର, ହରପ୍ରିୟା ସେଠୀ, ବୈଜ୍ଞାନିକ ସସ୍ମିତା ପାଲ ପ୍ରମୁଖ ଯୋଗଦେଇ ତାଲିମ ଦେଇଥିଲେ। ଏହି ଅବସରରେ କୃଷି କ୍ଷେତ୍ରରେ ରାସାୟନିକ ସାର ବଦଳରେ ଜୈବିକ ସାର ପ୍ରୟୋଗ କଲେ ମାଟିର ଉର୍ବରତା ବୃଦ୍ଧି ସହ ଅମଳ ଅଧିକ ହୋଇଥାଏ ବୋଲି ଚାଷୀଙ୍କୁ ବୁଝାଇଥିଲେ। କର୍ମଶାଳା ତିନି ଧରି ହେବାକୁ ଥିବା ବେଳେ ବହୁ ସଂଖ୍ୟକ ଚାଷୀ ଭାଗ ନେଇ ତାଲିମ ନେଇଥିଲେ।

# ଶିବପାର୍ବତୀଙ୍କ ବିବାହ ସମ୍ପନ୍ନ

ସୋନପୁର,୧୦।୬(ମୃତ୍ୟୁଞ୍ଜୟ ଶତପଥୀ)


୧୦୮ ଭରି ସୁନା ନାଗଙ୍କ ସହ ଚନ୍ଦ୍ରଶେଖର ବାବା।

- ବରଯାତ୍ରୀରେ ସାମିଲ ହେଲେ ସୁନା ନାଗ, ଅଷ୍ଟବିଷ୍ଣୁ ଓ ଅଷ୍ଟଶମ୍ଭୁ
- ଜମୁଛି ସୁବର୍ଣ୍ଣପୁର ଶୀତଳଷଷ୍ଠୀ ଯାତ୍ରା

ଶିବପାର୍ବତୀଙ୍କ ବିବାହ ସୋମବାର ବିଳମ୍ବିତ ରାତିରେ ସମ୍ପନ୍ନ ହୋଇଛି। ସୁବର୍ଣ୍ଣପୁରର ଇଷ୍ଟ ଦେବତା ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ବାବାଙ୍କ ସହିତ ଦେବୀ ପାର୍ବତୀଙ୍କ ବିବାହ ହୋଇଥିଲା। ନିଳାଦ୍ରୀ ନଗର(ରାମକୃଷ୍ଣ ନଗର) ସ୍ଥିତ କନ୍ୟା ମାତାପିତା ଅନିତା ଓ ଗୋପାଳ ପ୍ରସାଦ ଭୁତଙ୍କ ବାସଗୃହରେ ଏହି ବିବାହ ସମ୍ପନ୍ନ ହୋଇଥିଲା। ସୁବର୍ଣ୍ଣପୁର ଶୀତଳ ଷଷ୍ଠୀ ମହୋତ୍ସବରେ ସ୍ୱତନ୍ତ୍ରତା ଭଳି ରହିଛି। ଜିଲାର ଇଷ୍ଟଦେବ ବାବା ସୁବର୍ଣ୍ଣମେରୁଙ୍କ ସହ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥାଏ। ବିବାହ ପାଇଁ ବରବେଶରେ ସଜ୍ଜିତ ହୋଇ ଯାଇଥାନ୍ତି ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବା। ସୋମବାର ସନ୍ଧ୍ୟା ୬ଟାରେ ୧୦୮ ଭରି ସୁନା ନାଗ ପ୍ରତିମା ବର ବେଶରେ ସଜ୍ଜିତ ହୋଇ କନ୍ୟାପିତାଙ୍କ ଘର ଅଭିମୁଖେ ବାହାରିଥିଲେ। ସାଙ୍ଗରେ ଅଷ୍ଟ ବିଷ୍ଣୁ ଓ ଅଷ୍ଟ ଶମ୍ଭୁଙ୍କୁ ମଧ ବରଯାତ୍ରୀ ଦଳରେ ନେଇଥିଲେ ବାବା ଚନ୍ଦ୍ରଶେଖର। ବାଜା, ବାଣ, ଘଣ୍ଟବାଦ୍ୟ ଓ ରୋଶଣିରେ ଦୁଲକି ଯାଇଥିଲା ବରାତି ଶୋଭାଯାତ୍ରା। ବର ପିତା ଘୋଡାଘାଟପଡା ନିବାସୀ ଶିବାନୀ ବକ୍ସି ଓ ପ୍ରଭାତ କୁମାର ବକ୍ସିଙ୍କ ଘରେ ପୂଜା ପାଉଥିବା ବାବା ଚନ୍ଦ୍ରଶେଖର ପ୍ରଥମେ ବିମାନରେ ଥନାପତିପଡା ସ୍ଥିତ ଚନ୍ଦ୍ରଶେଖର ମନ୍ଦିରକୁ ବିଜେ କରିଥିଲେ। ୧୦୮ ଭରି ସୁନା ନଗଙ୍କ ସହ ବରଯାତ୍ରୀ ଦଳ ଧରି ଭୋଳା ବାବା ସନ୍ଧ୍ୟାରେ ଚନ୍ଦ୍ରଶେଖର ମନ୍ଦିରରୁ ବରାତିରେ ବାହାରିଥିଲେ। ଶୋଭାଯାତ୍ରା ରାମକୃଷ୍ଣ ନଗର ପହଞ୍ଚିବା ପରେ କନ୍ୟା ମାତାପିତା ଅନିତା ଓ ଗୋପାଳ ନିଜ ଘରକୁ ପାଛୋଟି ନେଇଥିଲେ ବରବେଶରେ ଆସିଥିବା ଭୋଳା ବାବାଙ୍କୁ। ପାରମ୍ପରିକ ରୀତିନୀତି ଅନୁଯାୟୀ ବିବାହ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର କନ୍ୟାପିତାଙ୍କ ଘରେ ଯୁଗଳ ମୂର୍ତ୍ତି ଦର୍ଶନ ଅନୁଷ୍ଠିତ ହେବ।

# ତାମ୍ବିଦରହ ଇକୋ ରିସୋର୍ଟ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ

ବୌଦ୍ଧ/ବଘିଆପଡା,୧୦।୬
(ଅଜିତ କୁମାର ବାରିକ/ଶ୍ରୀକାନ୍ତ ସାହୁ)


ତାମ୍ବିଦରହ ରିସର୍ଟ।

**ବୌଦ୍ଧ ଜିଲା**

ବୌଦ୍ଧ ଜିଲା ବଘିଆପଡା ପଞ୍ଚାୟତର ତାମ୍ବିଦରହ ଇକୋ ରିସୋର୍ଟ ପ୍ରକଳ୍ପ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। କାର୍ଯ୍ୟ ଶେଷ ନ ହେଉଣୁ ଏଠାରେ ଲାଗିଥିବା ଅନେକ ଜିନିଷ ଭାଙ୍ଗି ନଷ୍ଟ ହୋଇଗଲାଣି। ଏହାର କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ୨୦୨୧-୨୨ ବର୍ଷରେ ଜିଲା ପ୍ରଶାସନ ପକ୍ଷରୁ ଏହି ପ୍ରକଳ୍ପ କାମ ଆରମ୍ଭ କରାଯାଇଥିଲା। ଇତିମଧ୍ୟରେ ଦୁଇବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ପ୍ରକଳ୍ପ କାମ ଶେଷ ହୋଇପାରିନାହିଁ। ପ୍ରକଳ୍ପରେ ପ୍ରାୟ ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଥିବା ବେଳେ ଅନେକ କାର୍ଯ୍ୟ ଏବେ ବି ବାକି ରହିଛି। ତାମ୍ବିଦରହ ଇକୋ ରିସୋର୍ଟରେ ପର୍ଯ୍ୟଟକଙ୍କ ପାଇଁ ଚାରୋଟି କଟେଜ ବା ତମ୍ବୁଘର ରହିଛି। ବର୍ତ୍ତମାନ ତାହା ବ୍ୟବହାର କରାଯାଉ ନ ଥିବା ତଥା ରକ୍ଷଣାବେକ୍ଷଣ ଅଭାବରୁ ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛ। କେବଳ ସୌର ଲାଇଟ, ପାନୀୟ ଜଳର ବ୍ୟବସ୍ଥା ରହିଛି। ଅପରପକ୍ଷରେ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ରିସୋର୍ଟ ସମ୍ମୁଖରେ ଲଗାଯାଇଥିବା ଘାସ ଓ ଫୁଲ ଗଛଗୁଡିକ ମରି ନଷ୍ଟ ହୋଇଗଲାଣି। ସେହିପରି ଲଗାଯାଇଥିବା ବିଦ୍ୟୁତ୍ ସାମଗ୍ରୀ ନଷ୍ଟ ହୋଇଗଲାଣି। ବୌଦ୍ଧ ଜିଲାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରି ରହିଥିବା ବେଳେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। ପ୍ରତିବର୍ଷ ପର୍ଯ୍ୟଟକମାନେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପରିଦର୍ଶନରେ ଆସି ପ୍ରକୃତିର ଅନୁପମ ସୁଷମାକୁ ମନଭରି ଉପଭୋଗ କରିଥାନ୍ତି। ତାମ୍ବିଦରହ ଇକୋ ରିସୋର୍ଟ ବୌଦ୍ଧ ସହର ଠାରୁ ୨୧ କି.ମି. ଦୂର ଓ ବଘିଆପଡା ଠାରୁ ୩ କିମି ଦୂରରେ ରହିଛି। ଏହା ସାଲୁଙ୍କି ନଦୀ କୂଳରେ ରହିଥିବା ବେଳେ ଏଠାକାର ପ୍ରାକୃତିକ ସବୁଜିମା ଅତ୍ୟନ୍ତ ମନୋରମ। ସୂର୍ଯ୍ୟାସ୍ତ ସମୟରେ ଏଠାକାର ପରିବେଶ ଅତି ମନଲୋଭା ହୋଇଥାଏ। ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ଅନେକ ପର୍ଯ୍ୟଟକ ଏଠାକୁ ଆସି ସେମାନଙ୍କ ସମୟ ବିତାଇବା ସହିତ ଏଠାରେ ଥିବା ପ୍ରାକୃତିକ ପରିବେଶର ମଜା ଉଠାଇ ପାରନ୍ତେ। ବିଶେଷ କରି ଶୀତଋତୁରେ ପ୍ରତିଦିନ ଜିଲା ଓ ଜିଲା ବାହାରୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। କିନ୍ତୁ ସେଭଳି ସୁବିଧା ନ ଥିବାରୁ ନିରାଶ ହୋଇ ଫେରି ଯାଇଥାନ୍ତି। ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଦାବି ହେଉଛି।

# ଅସ୍ତିତ୍ୱ ହରାଉଛି ଉଦିତନଗର ପରେଡ ପଡ଼ିଆ

- ଫାଟିଗଲାଣି ପ୍ଲାଷ୍ଟିକ ପାଦଚଲା ଟ୍ରାକ୍
- ରକ୍ଷଣାବେକ୍ଷଣ ଅଭାବରୁ ଘାସ ନଷ୍ଟ
- ୭ ଦିନ ଭିତରେ ଠିକ୍ କରିବୁ: ଏଡିଏମ

ରାଉରକେଲା,୧୦ା୬(ଦିନେଶ ମିଶ୍ର)



ରାଉରକେଲା ସ୍ମାର୍ଟସିଟିର ମାନ୍ୟନତା ପାଇବା ପରେ ଚାଲିଛି ବହୁ ଉନ୍ନତି ମୂଳକ କାର୍ଯ୍ୟ। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ସ୍ମାର୍ଟସିଟି ପକ୍ଷରୁ ବ୍ୟୟ କରାଯାଇଥିବା ଲକ୍ଷାଧିକ ଟଙ୍କା ଖତ ଖାଉଛି। ଏଭଳି ଦୃଶ୍ୟ ରାଉରକେଲା ସ୍ମାର୍ଟସିଟି କାର୍ଯ୍ୟାଳୟ ସମ୍ମୁଖରେ ଥିବା ଉଦିତନଗର ପରେଡ ପଡିଆରେ ଦେଖିବାକୁ ମିଳିଛି। ଏହା ସହରର ଏକ ପ୍ରମୁଖ ପଡିଆ ହୋଇଥିବାବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏଠାରେ ପରେଡଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ସ୍ତରରେ ଖେଳକୁଦ ପ୍ରତିଯୋଗିତା ହୋଇଥାଏ। ଏହାର ଉନ୍ନତୀକରଣ ପାଇଁ ୨ବର୍ଷ ତଳେ ସ୍ଥାନୀୟ ସ୍ମାର୍ଟସିଟି ପକ୍ଷରୁ ଲକ୍ଷାଧିକ ଟଙ୍କା ବିନିମୟ କରାଯାଇ ସ୍ୱତନ୍ତ୍ର ପାଦଚଲା ପ୍ଲାଷ୍ଟିକ ଟ୍ରାକ୍ ବିଛାଯିବା ସାଙ୍ଗକୁ ପାନୀୟ ଜଳ, ଶୌଚାଳୟ ଭଳି ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା। ଏଠାରେ ସରକାରୀ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେଉଥିବାରୁ ପଡିଆ ପ୍ରବେଶ ପଥରେ ସ୍ୱତନ୍ତ୍ର ୨ଟି ଏଲଇଡି ଟିଭି ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଥିଲା।

ଏହି ପଡିଆକୁ ସମ୍ପୂର୍ଣ୍ଣ ଘାସମୟ କରିବା ପାଇଁ କଲିକତାର ଏକ ଘରୋଇ ଠିକା ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥିସହ ପଡିଆ ଚାରିପଟେ ସ୍ୱତନ୍ତ୍ର ହାଇମାଷ୍ଟ ଲାଇଟ୍ ବ୍ୟବସ୍ଥା କରାଯାଇଥିଲା। ପଡିଆରେ ଲାଗିଥିବା ଘାସକୁ ବଞ୍ଚାଇ ରଖିବା ପାଇଁ ପ୍ରତ୍ୟେକ ଦିନ ଆର୍‌ଏମ୍‌ସି ପକ୍ଷରୁ ସକାଳ ଓ ସନ୍ଧ୍ୟାରେ ପାଣି ଦିଆଯାଉ ଥିଲା। ସହରର ବିଭିନ୍ନ ଅଞ୍ଚଳରୁ ଲୋକେ ଆସି ଶାରୀରିକ ବ୍ୟାୟମ ସାଙ୍ଗକୁ ପ୍ଲାଷ୍ଟିକ ଟ୍ରାକ୍‌ରେ ଚଲାବୁଲା କରୁଥିଲେ। ହେଲେ ଉକ୍ତ ପଡିଆର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଏହା ଏବେ ସମ୍ପୂର୍ଣ୍ଣ ଅସ୍ତିତ୍ୱ ହରାଇବାକୁ ବସିଲାଣି। ପଡିଆର ପ୍ରବେଶ ପଥରେ ଲାଗିଥିବା ଏଲଇଡି ସ୍କ୍ରିନ ୨ଟି ଖରା, ବର୍ଷାରେ ନଷ୍ଟ ହେଉଛି। ଶୌଚାଳୟ ଗୁଡିକର ରକ୍ଷଣବେକ୍ଷଣ ଅଭାବରୁ ଖତ ଖାଉଛି। ପାଦଚଲା ପ୍ଲାଷ୍ଟିକ ଟ୍ରଫ୍ ଫାଟି ଆଁ କରିଛି। ବିଭିନ୍ନ ସମୟରେ ସ୍ଥାନୀୟ ଲୋକେ ନିଜର ପୋଷା କୁକୁରକୁ ସାଙ୍ଗରେ ନେଇ ପଡିଆ ଭିତରେ ଶୌଚ କରାଇ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛନ୍ତି। ଅନ୍ୟପକ୍ଷେ ସନ୍ଧ୍ୟାହେଲେ ପ୍ରତିଦିନ ଏହି ପଡିଆରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି। ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ତେଣୁ ପୂର୍ବପରି ଏହି ପଡିଆକୁ ଉନ୍ନତିକରଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ପଚାରିବାରୁ, ୨ଦିନ ଭିତରେ ଆର୍‌ଏମ୍‌ସି ସ୍ୱତନ୍ତ୍ର ସ୍କାର୍ଡ ଉକ୍ତ ପଡିଆକୁ ଯାଞ୍ଚ କରିବ। ପରେ ପଡିଆରେ କ'ଣ ସମସ୍ୟା ରହିଛି ଓ ଏହାକୁ କିଭଳି ତୁରନ୍ତ ସମାଧାନ କରାଯାଇ ପାରିବ ତାହା ଆମେ ୭ ଦିନରେ ଭିତରେ ଠିକ୍ କରିବୁ।ବର୍ଷାହେଲେ ମରିଯାଇଥିବା ଘାସ ଗୁଡିକ ପୂର୍ଣ୍ଣ ବାହାରିଲେ ପୁଣି ଆରଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ରକ୍ଷଣବେକ୍ଷଣ କରାଯିବ ବୋଲି ଏଡିଏମ୍ କୁଲକର୍ଣ୍ଣି କହିଥିଲେ।

## ସଂକ୍ଷେପରେ

### ଦିବଂଗତ ଆର୍‌ଏସ୍‌ପି କର୍ମଚାରୀଙ୍କ ପରିବାରବର୍ଗଙ୍କୁ ମିଳିଲା ଚାକିରି

ରାଉରକେଲା,୧୦ା୬(ସଙ୍ଗୀତା ଜେନା)

ସେଲ୍ ପରିଚାଳିତ ଆଇଜିଏଚ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ରାଉରକେଲା ଇସ୍ପାତ କାରଖାନା ସିନଟରିଂ ପାଣ୍ଟ-୨ର କର୍ମଚାରୀ ଉପେନ୍ଦ୍ର ବିଶ୍ୱାଳଙ୍କ ସୋମବାର ମୃତ୍ୟୁ ଘଟିଛି। ସେ କିଡନୀଜନିତ ରୋଗରେ ପୀଡ଼ିତ ଥିଲେ। ଏହାର ସୂଚନା ପାଇବା ପରେ ରାଉରକେଲା ଶ୍ରମିକ ସଂଘ(ଆର୍‌ଏସ୍‌ଏସ୍)ର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଦିଲୀପ ମହାପାତ୍ର, ଅକ୍ଷୟ ଜେନା, ଭାଗ୍ୟଧର ପରିଡ଼ା, ଜନାର୍ଦ୍ଦନ ଦାସ, ମିଶ୍ରିଆ ଟପ୍ପୋ, ଆଇ କଚ୍ଛପ୍, ଦୁର୍ଯ୍ୟୋଧନ ସିଂହ ପ୍ରମୁଖ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ଆଲୋଚନାରେ ଦିବଙ୍ଗତ କର୍ମଚାରୀଙ୍କ ସ୍ତ୍ରୀଙ୍କୁ ଅନୁକମ୍ପାମୂଳକ ଚାକିରୀ ପ୍ରଦାନ କରିବାକୁ ଦୃଢ଼ ଦାବି କରାଯାଇଥିଲା। ଏଥିରେ କର୍ତ୍ତୃପକ୍ଷଙ୍କ ସହମତି ପ୍ରକାଶ କରିବା ସହିତ ମେଡିକାଲ ଇନ୍‌ଭାଲିଡେସନ୍ ସ୍କିମ୍ ଅନୁଯାୟୀ, ମୃତକଙ୍କ ଜଣେ ପରିବାର ସଦସ୍ୟଙ୍କୁ ଇସ୍ପାତ କାରଖାନାରେ ନିଯୁକ୍ତି ଦେବା ପାଇଁ ସବୁଜ ସଙ୍କେତ ପ୍ରଦାନ କରିଥିଲେ। ଏ ନେଇ ଆର୍‌ଏସ୍‌ଏସ୍ ପକ୍ଷରୁ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଦିଆଯାଇଥିଲା।

### ଗୁରୁ ଅର୍ଜୁନ ଦେବଙ୍କ ଶହୀଦ ଦିବସ ପାଳିତ

ରାଉରକେଲା,୧୦ା୬(ସଙ୍ଗୀତା ଜେନା)

ଶିଖ୍ ମାନଙ୍କର ୫ମ ଗୁରୁ ଅର୍ଜୁନ ଦେବଙ୍କ ଶହୀଦ ଦିବସ ଅବସରରେ ସୋମବାର ରାଉରକେଲା ଅଞ୍ଚଳରେ ବିଭିନ୍ନ ସେବାମୂଳକ କାର୍ଯ୍ୟ ସମ୍ପନ୍ନ ହୋଇଛି। ରାଉରକେଲାରେ ବସବାସ କରୁଥିବା ଶିଖ୍ ସମ୍ପ୍ରଦାୟଙ୍କ ପକ୍ଷରୁ ରେଳବାଇ ଷ୍ଟେଶନ ନିକଟସ୍ଥ ଗୁରୁ ସିଂହ ଗୁରୁଦ୍ୱାରା ସଭା ପକ୍ଷରୁ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ପଥାଚାରୀଙ୍କୁ ଥଣ୍ଡାପାନୀୟ ଓ ଖାଦ୍ୟ ପଦାର୍ଥ ବଣ୍ଟନ କରାଯାଇଥିଲା। ସେହିପରି ମଧୁସୂଦନ ଛକ ସ୍ଥିତ ରାଜସ୍ଥାନ ପରିଷଦ ଅମରଭବନ ସମ୍ମୁଖରେ ମା' ପମ୍ପାଭବାନୀ ପରିବାର ପକ୍ଷରୁ ମଧ ପଥାଚାରୀଙ୍କୁ ପାନୀୟ ଜଳ, ସରବତ୍, ଚଣା, ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପମ୍ପା ଭବାନୀ ପରିବାର ପକ୍ଷରୁ ରାଜା ସିଂହ, ବିକି ସିଂହ, ଲକି ସିଂହ, ବାବୁ ପାଣ୍ଡେ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ଅନୁରୂପ ଭାବେ ମେନ୍‌ରୋଡ ସ୍ଥିତ ପାୱାର ହାଉସ୍ ରୋଡ ଦୁଃଖ ନିବାରଣ ଗୁରୁଦ୍ୱାରା ପରିସରରେ ମଧ୍ୟ ସେବାକାର୍ଯ୍ୟ ହୋଇଥିଲା। ସେହିପରି ସିଭିଲଟାଉଶିପ ଓ ବେଦବ୍ୟାସରେ ମଧ ସେବା କାର୍ଯ୍ୟ କରାଯାଇଥିଲା।

### ଶିବ ପାର୍ବତୀ ବିବାହ ଉତ୍ସବ

ରାଉରକେଲା,୧୦ା୬(ଦିନେଶ ମିଶ୍ର)

ସେକ୍ଟର-୫ ସ୍ଥିତ ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ଶିବ ପାର୍ବତୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାବା ଧବଳେଶ୍ୱର ମହାଦେବ ଓ ମା' ପାର୍ବତୀ ଦେବୀଙ୍କ ବିବାହ ଉତ୍ସବରେ ବର ପକ୍ଷରୁ ସ୍ୱରୁପା ରାଣୀ ଓ ମୋହନ ରାଓ ଯୋଗଦେଇ ଥିବାବେଳେ କନ୍ୟା ପକ୍ଷରୁ ଉଜ୍ଜୟିନୀ ବେହେରା ଓ ଚିତ୍ତ ରଞ୍ଜନ ଯୋଗଦେଇ ବିବାହ କାର୍ଯ୍ୟକୁ ପରିଚାଳନା କରିଥିଲେ। ସକାଳ ୯ଟାରେ ଶିବଙ୍କର ରୁଦ୍ରାଭିଷେକ, ସନ୍ଧ୍ୟା ୬ଟାରେ ବରାନୁଗମନ ହୋଇଥିଲା। ବିବାହ କାର୍ଯ୍ୟକୁ ପଣ୍ଡିତ କାଶିନାଥ ଶତପଥୀ, ହାଡିବନ୍ଧୁ ମିଶ୍ର ଓ ଘନଶ୍ୟାମ ପଣ୍ଡା ପରିଚାଳନା କରିଥିଲେ। ପରେ ଉଭୟ କନ୍ୟା ଓ ବର ପକ୍ଷରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ହରିହାଟର ଆୟୋଜନ କରାଯାଇଥିଲା।

# ଗରିମାର ରଜକୁମାରୀ ଅଡିସନ୍ ଆରମ୍ଭ



ରଜ ଅଡିସନ୍‌ରେ ଉପସ୍ଥିତ ଅତିଥିମାନେ।

ରାଉରକେଲା,୧୦ା୬(ଦିନେଶ ମିଶ୍ର)

ସେକ୍ଟର-୧୯ ସ୍ଥିତ ରାଉରକେଲା କ୍ଲବ ପରିସରରେ ଗରିମା ପରିବାର ପକ୍ଷରୁ ଆୟୋଜିତ ସେସନ୍ ତିନି ରଜକୁମାରୀ ଅଡିସନ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସାମାଜିକ କର୍ମୀ ପ୍ରଫୁଲ ସୁନ୍ୟାନୀ ଓ ବଣିକ ସଂଘର ଉପସଭାପତି ସନ୍ତୋଷ ଅଗ୍ରୱାଲ, ମାନସ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ବେଶ୍ ପ୍ରଶଂସା କରିଥିଲେ। ଏହି ଅଡିସନ୍‌ରେ ପୋଡପିଠା, ରଜ ରାଜକୁମାରୀ, ରଜ ସଜବାଜ, ପୁଚିଖେଳ ଆଦି ପ୍ରତିଯୋଗିତା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ଏଥିରେ ବିଚାରକ ଭାବେ ଓଲିଉଡ୍ ଅଭିନେତ୍ରୀ ଶ୍ରେୟା ମହାନ୍ତି, ସବିତା ବସ୍ତିଆ, ରଶ୍ମିରାଣୀ ପଣ୍ଡା, ଦୀପମାଲା ଲାକ୍ରା, କିରଣ ଗୁପ୍ତା, ନଳିନୀ ପଟ୍ଟନାୟକ, ପ୍ରଣତୀ ମହାନ୍ତି, ଅନୁପମା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗରିମା ପରିବାର ଅଧକ୍ଷା ନିହାରିକା ବସ୍ତିଆ, ସଭାପତି ମମତା ନାୟକ, ସମ୍ପାଦକ ଡ. ସରିତା ମଲ୍ଲ, ସୁମିତା ମହାନ୍ତି ପ୍ରମୁଖ ଯୋଗଦେଇ ଗରିମା ପରିବାରର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସୂଚନାଯୋଗ୍ୟ, ଆସନ୍ତା ୧୭ ଗ୍ରାଣ୍ଡ ଫିନାଲେ ଦିନ ବଲିଓଡ୍ ଅଭିନେତା ପୁପିନ୍ଦର ଓ ଅଭିନେତ୍ରୀ ଦେବସ୍ମିତା ମୁଖ୍ୟ ଆକର୍ଷଣ ରହି ଅଡିସନ୍‌ରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପଦେଷ୍ଟା ରଶ୍ମିତ କୁମାର ସାହାଣୀ, ପୃଷ୍ଠପୋଷକ ଶଙ୍କର ଜେନା, ଶାନ୍ତିଲତା ବାରିକ, ସନ୍ତୋଷ ମଲ୍ଲିକ, ରେବତୀ ବାରିକ, ଶଙ୍କରିନା ପ୍ରଧାନ, ଲୀନା ତ୍ରିପାଠୀ, ଲୁସି ଦାଶ, ସସ୍ମିତା ମିଶ୍ର, ସବିତା ମହାପାତ୍ର, ମୀନତି ମୋଦିଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

### ଇସ୍କନ ପକ୍ଷରୁ ହରିନାମ ସଙ୍କୀର୍ତ୍ତନ

ରାଉରକେଲା,୧୦ା୬(ଦିନେଶ ମିଶ୍ର)

ରାଉରକେଲା ଇସ୍କନ ପକ୍ଷରୁ ସାମୂହିକ ହରିନାମ ସଙ୍କୀର୍ତ୍ତନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ସଙ୍କୀର୍ତ୍ତନ ଉଦିତନଗର ସ୍ଥିତ ସୁବାସ ବୋଷ ନେତାଜୀ ପାର୍କ ପରିସରରେ ଅନୁଷ୍ଠିତ ହୋଇଥିଲା। ସଙ୍କୀର୍ତ୍ତନକୁ ବୈଷ୍ଣବ ଗୌବର୍ଦ୍ଧନ ଦାସ ମହାରାଜ ପରିଚାଳନା କରିଥିଲେ। ଏଥିରେ ବହୁ ଇସ୍କନ ବୈଷ୍ଣବ ଭକ୍ତଗଣ ଉପସ୍ଥିତ ଥିଲେ। ପରେ ଉକ୍ତ ପାର୍କ ପରିସରରୁ ସଙ୍କୀର୍ତ୍ତନ ଦଳ ବାହାରି ଉଦିତନଗର ଅଞ୍ଚଳ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବୈଷ୍ଣବ ରାଧାମାଧବ ଘୋଷ, ମଣ୍ଟୁ ସାହୁ, ଗୋପାଳ ପ୍ରହରାଜ, ଦାମୋଦର ଦାସ, ଶ୍ରଦ୍ଧାନନ୍ଦ ଦାସ, ମନୋଜ ପଣ୍ଡା, ଗୋକୁଳା ନନ୍ଦ ସହଯୋଗ କରିଥିଲେ।

### ଏମ୍‌ପି ଜୁଏଲଙ୍କ ଶପଥକୁ ନେଇ ଭାଜପା କର୍ମୀଙ୍କ ମଧ୍ୟରେ ଉତ୍ସାହ

ରାଉରକେଲା,୧୦ା୬ (ଦିନେଶ ମିଶ୍ର)

ସୁନ୍ଦରଗଡ ଲୋକସଭା ପ୍ରାର୍ଥୀ ଜୁଏଲ ଓରାମ ରବିବାର ପ୍ରଧାନମନ୍ତ୍ରୀଙ୍କ ଶପଥ ସମାରୋହରେ ଯୋଗଦେଇ ଥିଲେ। ଏଥିରେ ଏମ୍‌ପି ଓରାମ କ୍ୟାବିନେଟ୍ ମଣ୍ଡଳୀରେ ସ୍ଥାନପାଇ ଶପଥ ନେଇଥିବାରୁ ରାଉରକେଲା ଭାଜପା କର୍ମୀଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଛି। ସୁନ୍ଦରଗଡରୁ ଏମ୍‌ପି ଭାବେ ବିଜୟୀ ହୋଇ କ୍ୟାବିନେଟ୍‌ରେ ସ୍ଥାନ ପାଇବା ଜିଲା ତଥା ରାଉରକେଲା ବାସୀଙ୍କ ପାଇଁ ଏକ ଗୌରବର ବିଷୟ ବୋଲି ଜିଲା ମହିଳା ସଭାନେତ୍ର ଲତିକା ପଟ୍ଟନାୟକ କହିଛନ୍ତି। ତାଙ୍କର ଏହି ସଫଳତା ଯୋଗୁ ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା କେରକେଟ୍ଟା, ରାଜ୍ୟକୋଷାଧ୍ୟକ୍ଷ ସୁଦର୍ଶନ ଗୋଏଲ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ, ଶଙ୍କର ଓରାମ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ସହ ଜିଲା ଭାଜପା ମୋର୍ଚ୍ଚା କମିଟି ଓ ମଣ୍ଡଳ,ବୁଥ କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ସାପ କାମୁଡ଼ାରେ ଆହତଙ୍କ ମୃତ୍ୟୁ

ରାଉରକେଲା,୧୦ା୬(ଦିନେଶ ମିଶ୍ର)

ଚାନ୍ଦିପୋଷ ଥାନା ଖଟାଲ ବସ୍ତିରେ ଜଣେ ଯୁବକଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତକ ହେଲେ ମୁକେଶ ଯାଦବ। ଯାଦବ ଶନିବାର ବିଲକୁ ଶୌଚ ହେବା ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କ ବାମଗୋଡକୁ କୌଣସି ଏକ ବିଷଧର ସାପ କାମୁଡି ଦେଇଥିଲା। ପ୍ରଥମେ ଚାନ୍ଦିପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ତାଙ୍କୁ ଆରଜିଏଚରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି।

## ୩ୟ ରେଳଲାଇନ୍ କାର୍ଯ୍ୟପାଇଁ ୮ଟ୍ରେନ୍ ବାତିଲ

ରାଉରକେଲା,୧୦ା୬ (ସଙ୍ଗୀତା ଜେନା)

ଦକ୍ଷିଣ ପୂର୍ବ ରେଳପଥ ଅନ୍ତର୍ଗତ ଚକ୍ରଧରପୁର ରେଳ ମଣ୍ଡଳ ୩ୟ ରେଳଲାଇନ୍‌ରେ ନିର୍ମାଣ କାର୍ଯ୍ୟ ପାଇଁ ଆସନ୍ତା ୧୨ତାରିଖରେ ୮ଟି ଦୂରଗାମୀ ଟ୍ରେନ ବାତିଲ ହୋଇଛି। ଏଥିସହ ଅନ୍ୟ ୭ଟି ଟ୍ରେନର ସମୟରେ ପରିବର୍ତ୍ତନ କରାଯାଇଛି। ଏ ନେଇ ରେଳବାଇ ପକ୍ଷରୁ ସୂଚନା ମିଳିଛି। ଟାଟା ଏକ୍ସପ୍ରେସ୍, ରାଉରକେଲା ଝାରସୁଗୁଡ଼ା ମେମୁ, ଟାଟା ବିଲାସପୁର, ରାଉରକେଲା ପୁରୀ ଏକ୍ସପ୍ରେସ, ରାଉରକେଲା ଇଣ୍ଟରସିଟି, ଝାରସୁଗୁଡ଼ା ମେମୁ, ରାଉରକେଲା-ଗୁଣପୁର ରାଜାରାଣୀ ଏକ୍ସପ୍ରେସ, ରାଉରକେଲା ଚକ୍ରଧରପୁର ମେମୁ ଆଦି ୮ଟି ଟ୍ରେନ ଚଳାଚଳ ବାତିଲ କରାଯାଇଛି। ସେହିପରି ବିଶାଖାପାଟଣା ଏକ୍ସପ୍ରେସ, ପୁରୀ ଏକ୍ସପ୍ରେସ୍, ହାୱଡ଼ା ଦୁରୋନ୍ତ ଏକ୍ସପ୍ରେସ ସମେତ ୭ଟି ଟ୍ରେନର ସମୟ ପରିବର୍ତ୍ତନ କରାଯାଇଛି। ଅନୁରୂପ ଭାବେ ଇସ୍ପାତ ଏକ୍ସପ୍ରେସ, ଆରା- ଦୁର୍ଗ ଏକ୍ସପ୍ରେସ୍, ପୁରୀ- ହାଟିଆ ତପସ୍ୱିନୀ ଏକ୍ସପ୍ରେସ୍, ପୁରୀ- ରାଉରକେଲା ଏକ୍ସପ୍ରେସ ଓ ମୌର୍ଯ୍ୟ ଏକ୍ସପ୍ରେସ ଆଦିର ସାମାନ୍ୟ ରୁଟ୍ ପରିବର୍ତ୍ତନ କରାଯାଇଛି।

## ଆଖଣ୍ଡଳମଣି ମନ୍ଦିରରେ ଶିବପାର୍ବତୀ ବିବାହ

ରାଉରକେଲା,୧୦ା୬ (ସଙ୍ଗୀତା ଜେନା)

ସେକ୍ଟର-୧୯ ସ୍ଥିତ ଆଖଣ୍ଡଳମଣି ମନ୍ଦିରରେ ଶିବପାର୍ବତୀ ବିବାହ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରୁ ମହାଦେବଙ୍କୁ ବରବେଶରେ ସଜ୍ଜିତ କରି ଶୋଭାଯାତ୍ରାରେ ନିଆଯାଇଥିଲା। ପରିକ୍ରମା କରିବା ପରେ ବର ଓ କନ୍ୟା ଯାତ୍ରୀ ମନ୍ଦିରକୁ ଆସିଥିଲେ। ସେଠାରେ ବରପିତା ଯୁଗଳ ଦଳେଇ ଓ ମାତା ବୈଦେହୀ ଦଳେଇ ତଥା କନ୍ୟା ପିତା ଶରତ ବିଶ୍ୱାଳ ଓ ମାତା ନମିତା ବିଶ୍ୱାଳ ବିବାହ ସମ୍ପନ୍ନ କରାଇଥିଲେ। ପୂଜକ ସୂର୍ଯ୍ୟକାନ୍ତ ସାମନ୍ତ ବିବାହ ବିଧି କରିଥିଲେ। ମନ୍ଦିର ଟ୍ରଷ୍ଟର ସଭାପତି ନିହାର ଦାସ, ସମ୍ପାଦକ ସମୀର ଦାସ, କୋଷାଧକ୍ଷ ନିଶିକାନ୍ତ ଦାସ ବିବାହ କାର୍ଯ୍ୟ ପରିଚାଳନା କରିଥିଲେ। ସାମୂହିକ ପ୍ରସାଦ ସେବନ ସହ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସେହିପରି ସେକ୍ଟର-୧୯ ସାରଳା ମନ୍ଦିର, ଗୁଣ୍ଡିଚା ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ମହାସମାରୋହରେ ଶୀତଳଷଷ୍ଠୀ ଯାତ୍ରା ପାଳିତ ହୋଇଯାଇଛି।



ରାଉରକେଲା ସେକ୍ଟର-୧୯ ଆଖଣ୍ଡଳମଣି ମନ୍ଦିରରେ ଶିବପାର୍ବତୀ ବିବାହ ଅନୁଷ୍ଠିତ ହେଉଛି।

## ଗୀତି କବିତା ସାହିତ୍ୟକୁ ସରସ, ସୁନ୍ଦର କରିଥାଏ

ରାଉରକେଲା,୧୦ା୬(ଦିନେଶ ମିଶ୍ର)

ସେକ୍ଟର-୬ ସ୍ଥିତ ସଂସଦ କାର୍ଯ୍ୟାଳୟ ପରିସରରେ ରାଉରକେଲାର ସାହିତ୍ୟ ଅନୁଷ୍ଠାନ, ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗୀତି କବିତା ଆସର ଓ ଆଲୋଚନା ସଭା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ବ୍ରଜେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମଧୁସୂଦନ ପାଠାଗାରର ସାଧାରଣ ସମ୍ପାଦକ ବିଜୟ କୁମାର ବରାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୀତି କବିତା ସାହିତ୍ୟ ଜଗତର ମୂଳ ଆଧାର ବୋଲି ଅତିଥି ବରାଳ ତାଙ୍କ ବକ୍ତବ୍ୟରେ ମତପୋଷଣ କରିଥିଲେ। ଗୀତିକବି ସମାଜର ସଭାପତି ତାରିଣୀ ଚରଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୀତି କବିତା ସାହିତ୍ୟକୁ ସରସ ଓ ସୁନ୍ଦର କରିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱର୍ଗତ ସାହିତ୍ୟିକ ଡ.ପତିତପାବନ ମଣ୍ଡଳଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ମଞ୍ଚପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସଭାପତି ମନୋଜ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବର ଦ୍ୱିତୀୟ ଅଧୀବେଶନରେ ଉପସଭାପତି ରଶ୍ମିବାଳା ରାଉତରାୟଙ୍କ ସଭାପତିତ୍ୱରେ ଗୀତାରାଣୀ ବେହେରା ଓ କବି ସୁଶାନ୍ତ ନାୟକଙ୍କ ସଂଯୋଜନାରେ ଗୀତିକବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ୱେତ କୁମାର ବେହେରା, ଉପେନ୍ଦ୍ର ବସ୍ତିଆ, ସତ୍ୟବ୍ରତ ଦାସ, ରବୀନ୍ଦ୍ର ନାଥ ମହାନ୍ତି, ଉର୍ବଶ୍ରୀ ଦାସ, ଅଜୟ କୁମାର ମହାନ୍ତି,ତାରିଣୀ ଚରଣ ସାହୁ, ସାଗର ମହାନ୍ତି, ପ୍ରତାକ କୁମାର ପଣ୍ଡା, ରଘୁବର ଧଳ, ପ୍ରକାଶ ଚନ୍ଦ୍ର ସେଠୀ, ଗୌତମ ଦାସ, ରଶ୍ମୀ ସାହୁଙ୍କ ଭଳି ରାଉରକେଲାର ବହୁ କବି ଓ କବିୟତ୍ରୀଙ୍କ ସହ ଲେଖକ ଉପସ୍ଥିତ ରହି ନିଜସ୍ୱ ଗୀତି କବିତା ପାଠ କରିଥିଲେ। ଶେଷରେ କୋଷାଧକ୍ଷ ଉପେନ୍ଦ୍ରେ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ୭ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନ

ହେମଗିର,୧୦ା୬(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ସ୍ଥିତ ଜାମକାନୀ ଠାରେ ଥିବା କୋଇଲା ଖଣି ବିସ୍ଥାପିତଙ୍କ ଦାବି ଗୁଡିକ ପୂରଣ କରୁ ନ ଥିବାରୁ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ବିସ୍ଥାପିତ ଗ୍ରାମ୍ୟ କମିଟି ଓ କର୍ମଚାରୀ। ମିଳିଥିବା ସୂଚନା ଅନୁସାରେ, ଝାରପଲମ,ଜାମକାନି,ଗିରିସିମା ଓ ମେଣ୍ଡ୍ରା ଗ୍ରାମର ଲୋକଙ୍କୁ କୋଇଲା ଖଣି ବିସ୍ଥାପିତ କରି କୋଇଲା ଖଣି ଆରମ୍ଭ କରିଛି। ବିସ୍ଥାପିତ ଗ୍ରାମବାସୀଙ୍କ ଦାବି ଗୁଡିକ ପୂରଣ ହେଉ ନ ଥିବା ଅଭିଯୋଗରେ ସୋମବାର ବିସ୍ଥାପିତ ଲୋକେ ଜିଲାପାଳ ଓ ଉପଜିଲାପାଳଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି।

୧୮ବର୍ଷ କିମ୍ବା ଊର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ବେଦନା କମ୍ପାନୀରେ ସିଧାସଳଖ ନିଯୁକ୍ତି ପ୍ରଦାନ କରାଯାଉ ନଚେତ ସାଢେ ୧୭ଲକ୍ଷ ପ୍ରଦାନ କରିବା,୧୮ବର୍ଷ କିମ୍ବା ଊର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ଘର ବାବଦକୁ ଟଙ୍କା ପ୍ରଦାନ କରିବା,ବିସ୍ଥାପିତ ହୋଉଥିବା ଭୂମି ହିନଙ୍କୁ ଚିହ୍ନଟ କରି କ୍ଷତିପୂରଣ ପ୍ରଦାନ କରିବା, ଜାମକାନି ଓ ଗିରିସିମାର ଗ୍ରାମ ବିସ୍ଥାପିତ ନ ହେବା ପର୍ଯ୍ୟନ୍ତ ଏବଂ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଖଣି ଖନନ ବନ୍ଦ କରିବା ଆଦି ଦାବି ଗୁଡିକ ପୂରଣ କରା ନ ଗଲେ ଆସନ୍ତା ୧୪ରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ ସିତାରାମ କୁଅଁର,ପଞ୍ଚାନନ୍ଦ ପ୍ରଧାନ, ଅନୀଲ ପ୍ରଧାନ, ତୁଳାରାମ କୁଅଁର, ସନକ ବାରିକ,ନିରଞ୍ଜନ ଭୋଇ, ସାଗର ମାଝି, ମନୋଜ ବୈଦେଶିକ, ସୁରେନ୍ଦ୍ର କିଷାନ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମ୍ୟ କମିଟି ଓ କର୍ମଚାରୀ।

# ଓଡ଼ିଶା ଟାଏକୋଣ୍ଡୋ ଚାମ୍ପିୟନଶିପ୍: ରାଉରକେଲାକୁ ୧୩ ପଦକ

ରାଉରକେଲା,୧୦ା୬ (ସଙ୍ଗୀତା ଜେନା)

ଇଣ୍ଡିଆ ଟାଏକୋଣ୍ଡୋ ସହ ବନ୍ଧିତ ଓଡ଼ିଶା ଟାଏକୋଣ୍ଡୋ ୩ୟ ଅଫିସିଆଲ୍ ଷ୍ଟେଟ୍ ଚାମ୍ପିୟନ୍‌ଶିପ୍‌ରେ ରାଉରକେଲାକୁ ୧୩ଟି ପଦକ ମିଳିଛି। ପଦକ ପାଇଥିବା ଖେଳାଳି ସୋମବାର ରାଉରକେଲା ପ୍ରତ୍ୟାବର୍ତ୍ତନ କରିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। କଟକ ସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଜୁନ୍ ୭ ରୁ ୯ ପର୍ଯ୍ୟନ୍ତ ଚାମ୍ପିୟନଶିପ୍ ଆୟୋଜିତ ହେଇଥିଲା। ଏଥିରେ ରାଜ୍ୟର ୨୦ଟି ଜିଲାରୁ ଜୁନିୟର, ସବ୍ ଜୁନିୟର, ସିନିୟର ବାଳକା ଓ ବାଳକ ବର୍ଗରେ ପ୍ରାୟ ୬ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସୁନ୍ଦରଗଡ଼ ଟାଏକୋଣ୍ଡୋ ପକ୍ଷରୁ ୧୮ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ଜୁନିୟର ଏବଂ ସବ୍‌ଜୁନିୟର ବର୍ଗରେ ସାଇପ୍ରସାଦ ବେହେରା, ବୁଦ୍ଧିଲାଲ ମୁଣ୍ଡା, ସନ୍ତୋଷୀ ସାଲୋନୀ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ରାୟସିଂହ ସୋରେନ୍ ଓ ଅଦିତି ସାଲୋନୀ ରୌପ୍ୟ ଓ ଅନ୍ୟ ୮ ଜଣ ଖେଳାଳି କାଂସ୍ୟ ପଦକ ହାସଲ କରିଥିଲେ। ଉକ୍ତ ଦଳର କୋଚ ଗୋଲକ ପ୍ରସାଦ ବେହେରା, ମ୍ୟାନେଜର ଜେଠୋ ଖାଲ୍‌ଖୋ ସମେତ ଖେଳାଳିଙ୍କୁ ସୁନ୍ଦରଗଡ଼ ଟାଏକୋଣ୍ଡୋ ସଂଘର ରାମଚନ୍ଦ୍ର ସାହୁ, ସମ୍ପାଦକ ମୁନୁ ପଟେଲ ଓ ଅନ୍ୟମାନେ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣପଦକ ହାସଲ କରଥିବା ୩ ଜଣ ଖେଳାଳି ଜୁନ୍ ୨୭ରୁ ୩୦ ପର୍ଯ୍ୟନ୍ତ କଟକରେ ଆୟୋଜିତ ପ୍ରଥମ ଅଫିସିଆଲ ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନ୍‌ଶିପ୍‌ରେ ଅଂଶ ଗ୍ରହଣ କରିବେ।



ପ୍ରତିଯୋଗିତାରେ ଭାଗନେଇଥିବା ଖେଳାଳି ଓ ଅନ୍ୟମାନେ।

## ସଂକ୍ଷେପରେ

### ପ୍ରେମିକାଙ୍କ ସମ୍ମୁଖରେ ପ୍ରେମିକଙ୍କ ଆତ୍ମହତ୍ୟା

ସମ୍ବଲପୁର,୧୦।୬(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଧନୁପାଲି ଥାନା କୁମ୍ଭାରପଡ଼ା ମାୟାବଗିଚାରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ପ୍ରେମଜନିତ କାରଣରୁ ସେ ଆତ୍ମହତ୍ୟା କରିଥିବା କୁହାଯାଇଛି। ମୃତକ ସେହି ପଡ଼ାର ରଜତ ବଗର୍ତ୍ତି(୨୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ସୂତ୍ରରୁ ମିଳିଥିବା ଖବର ଅନୁସାରେ ସୋମବାର ମଧ୍ୟାହ୍ନରେ ଉକ୍ତ ଯୁବକ ଜଣକ ପ୍ରେମ ସମ୍ପର୍କ ଥିବା ଜଣେ ଯୁବତୀଙ୍କୁ ଦେଖା କରିବାକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ମର୍ମାହତ ଯୁବକ ଜଣକ ମାନସିକ ଭାରସାମ୍ୟ ହରାଇ ପିନ୍ଧିଥିବା ବେଲ୍ଟକୁ ବେକରେ ଦେଇ ପ୍ରେମିକାଙ୍କ ସମ୍ମୁଖରେ ଏକ ଗଛ ଡାଳରେ ଝୁଲି ପଡ଼ିଥିଲେ। ଏହାଦେଖି ପ୍ରେମିକା ନିଜ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଯୁବତୀଙ୍କ ପରିବାର ଲୋକେ ଓ ପଡ଼ାବାସୀ ସେଠାରେ ପହଞ୍ଚି ବେଲ୍ଟ କାଟି ରଜତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିଛି। ଘଟଣାକୁ ନେଇ ଧନୁପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ବେକରେ ଗାମୁଛା ଦେଇ ଯୁବକଙ୍କ ଆତ୍ମହତ୍ୟା

ଝାରସୁଗୁଡା, ୧୦।୬ (ସଞ୍ଜୟ ମାଲି)

ଝାରସୁଗୁଡା ଜିଲା ବଡ଼ମାଳ ଥାନା ଅନ୍ତର୍ଗତ ହିର୍ମା ଗ୍ରାମ ପଞ୍ଚାୟତରେ ଜଣେ ଯୁବକ ବେକରେ ଗାମୁଛାରେ ଫାଶ ଲଗାଇ ଆତ୍ମହତ୍ୟା କରିଛନ୍ତି। ସୂଚନାଯୋଗ୍ୟ, ଏକାଦଶୀଆ ମରେଇଙ୍କ ପୁଅ ବେଦବ୍ୟାସ (୨୩) ନିଜ ଗ୍ରାମଠାରୁ କିଛି ଦୂରରେ ଥିବା ଏକ ଆମ୍ବ ଗଛ ଡ଼ାଳରେ ନିଜେ ଧରିଥିବା ଏକ ଗାମୁଛାରେ ଫାଶ ଦେଇ ଆତ୍ମହତ୍ୟା କରିଥିବା ପୋଲିସ ସୂତ୍ରରୁ ଖବର ମିଳିଛି। ଖବରପାଇ ବଡ଼ମାଳ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଅଧିକ ତଦନ୍ତ ଜାରିରହିଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### ବିଦ୍ୟୁତ୍ ସଂସ୍ପର୍ଶରେ ମହିଳା ମୃତ

ଦେବଗଡ଼,୧୦।୬(ଶଶାଙ୍କଶେଖର ଝାଙ୍କର)

ଦେବଗଡ଼ ପୌରାଞ୍ଚଳ ଭୁଲିଆସାହିରେ କୁଲରରେ ପାଣି ଭର୍ତ୍ତି କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ସ୍ଥାନୀୟ ଭୁଲିଆସାହିର ରଞ୍ଜିତ ଯାଦବଙ୍କ ସ୍ତ୍ରୀ ରାଜକୁମାରୀ ଯାଦବ(୨୧) ଘରେ ଥିବା ଏୟାର କୁଲରରେ ପାଣି ଭର୍ତ୍ତି କରୁଥିଲେ। ତେବେ କୌଣସି କାରଣରୁ ଅସାବଧାନତା ବଶତଃ ତାଙ୍କର ଶରୀର ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାସହ ସେ ଅଚେତ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ଦେବଗଡ଼ ଆଦର୍ଶ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ସମ୍ବଲପୁର ଶୀତଳଷଷ୍ଠୀ ଝଲକ


ସମ୍ବଲପୁର ନନ୍ଦପଡ଼ା ବମବରାଡ ବାଲୁଙ୍କେଶ୍ୱର ବାବା ବର ବେଶରେ ସଜ୍ଜିତ ହୋଇଛନ୍ତି।


ବର ବେଶରେ ସଜ୍ଜିତ ହୋଇଛନ୍ତି ଝାଡୁଆପଡା ଲୋକନାଥ ବାବା ।


ବର ବେଶରେ ମୁଦିପଡା ଜାଗେଶ୍ୱର ବାବା ।


ବଡ଼ବଜାର ଶୀତଳେଶ୍ୱର ବାବା ବରବେଶରେ ସଜ୍ଜିତ ହୋଇଛନ୍ତି।


ବରବେଶରେ ଠାକୁରପଡ଼ା ଗୁପ୍ତେଶ୍ୱର ବାବା ସଜେଇ ହୋଇଛନ୍ତି।


ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ ଶାନ୍ତିନଗର ଭକ୍ତମାନେ ମା' ପାର୍ବତୀଙ୍କୁ କନ୍ୟାଦାନ ସକାଶେ ନିଜ ଘରକୁ ନେଉଛନ୍ତି।


ବୁଢ଼ାରଜା ମନ୍ଦିରରୁ କନ୍ୟା ମାତାପିତା ଦେବୀ ପାର୍ବତୀଙ୍କୁ କନ୍ୟାଦାନ ସକାଶେ ଜଗନ୍ନାଥ କଲୋନୀସ୍ଥିତ ଘରକୁ ନେଉଛନ୍ତି।

## ସେତୁ ନିର୍ମାଣରେ ଅନିୟମିତତା ଅଭିଯୋଗ

କୁଚିଣ୍ଡା,୧୦।୬(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ ବେଲମୁଣ୍ଡାଠାରୁ ଡୁରେଇ ନୂଆପାଲି ପିଏମ୍‌ଜିଏସ୍‌ୱାଇ ରାସ୍ତାର ଠୁଡୁକୁ ନାଳା ଉପରେ ଚାଲିଥିବା ସେତୁ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ମିଳିଥିବା ସୂଚନା ଅନୁଯାୟୀ, ବାମରା ବ୍ଲକର ବେଲମୁଣ୍ଡାଠାରୁ ଡୁରେଇ ନୂଆପାଲି ଛକ ଭାୟା ବାବୁନିକ୍ତିମାଲ, ସୁଖାପଡନ ଏବଂ ବାଲିଡୁରେଇ ପିଏମ୍‌ଜିଏସ୍‌ୱାଇ ରୋଡର ଠୁଡୁକୁ ନାଳା ଉପରେ ୨୦୨୨-୨୧ଆର୍ଥିକ ବର୍ଷରେ ୫୦.୦୮ମି. ଦୈର୍ଘ୍ୟ ବିଶିଷ୍ଟ ଏକ ଉଚ୍ଚ ସେତୁ ନିର୍ମାଣ ପାଇଁ ୪କୋଟି ୧୯ଲକ୍ଷ ୮୮ହଜାର ଟଙ୍କା ଅର୍ଥ ମଞ୍ଜୁର ହୋଇଛି। ସମ୍ବଲପୁରର ଏକ ଠିକା ସଂସ୍ଥା ଏହାର ଟେଣ୍ଡର ପାଇଥିବା ବେଳେ କେତେକ ଆଞ୍ଚଳିକ ଠିକାଦାର ଏହି ସେତୁ ନିର୍ମାଣ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ସେତୁରେ ନିଅ ଖୋଳାଯାଇ ୪ଟି ସ୍ଥାନ ପାଇଁ ବର୍ତ୍ତମାନ କଂକ୍ରିଟ ବ୍ୟାଡ ପକାଯାଇ ରଡ ଦ୍ୱାରା ପିଲର କାମ ଆରମ୍ଭ କରାଯାଇଛି। ମାତ୍ର ଚିପ୍‌ସ, ବାଲି ଓ ସିମେଣ୍ଟ ମିଶ୍ରଣରେ ଅନିୟମିତତା ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାର ଭାଗମାପ ଠିକ ରହୁ ନ ଥିବା ଅଭିଯୋଗରୁ ଜଣାଯାଇଛି। ନିମ୍ନମାନର କାମ ଯୋଗୁ ସେତୁର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୋଗ ସତ୍ତ୍ୱେ କୁଚିଣ୍ଡା ପୂର୍ତ୍ତବିଭାଗ ଅଧିକାରୀ ସେତୁ ନିର୍ମାଣସ୍ଥଳକୁ ପରିଦର୍ଶନରେ ଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଦେବସ୍ମିତା ପରିଡାଙ୍କୁ ପଚାରିବାରେ ସେତୁ କାମ ଠିକ୍ ଚାଲିଥିବା କହିଛନ୍ତି। ସହକାରୀ ନିର୍ବାହୀଯନ୍ତ୍ରୀ ଚିତ୍ତରଞ୍ଜନ ନାଏକ ଫୋନ ଉଠାଉ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବା ବେଳେ କୁଚିଣ୍ଡା ଡିଭିଜନ ନିର୍ବାହୀଯନ୍ତ୍ରୀ ବିଶ୍ୱନାଥ ମାରାଣ୍ଡିଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।


ନିର୍ମାଣାଧୀନ ସେତୁ।

**ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ**

## ହାତୀ ଆକ୍ରମଣରେ ମହିଳା ଗୁରୁତର

ଦେବଗଡ଼,୧୦।୬(ଶଶାଙ୍କଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳ ନୂଆଁଡିହି ସେକ୍ସନ ଅନ୍ତର୍ଗତ ସିଆରିମାଳିଆ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସୋମବାର ପ୍ରତ୍ୟୁଷରେ ସିଆରିମାଳିଆ ଗ୍ରାମର ଚାଣ୍ଡାଳ ବେହେରାଙ୍କ ଝିଅ ମନ୍ଦାକିନୀ (୪୦) ଖତ ଝିଂଚିବା ପାଇଁ ହାତରେ ଏକ ଟୋକେଇ ଧରି ଚାଷ ଜମିକୁ ଯାଉଥିବାବେଳେ ହାତୀପଲ ହାବୁଡରେ ପଡିଥିଲେ। ହାତୀପଲକୁ ଅତି ନିକଟରୁ ଦେଖି ମନ୍ଦାକିନୀ ଭୟଭୀତ ହୋଇପଡିବା ସହ ଧାଇଁ ପଳାଇବାକୁ ଉଦ୍ୟମ କରୁଥିବାବେଳେ ଉକ୍ତ ପଲ ମଧ୍ୟରେ ଥିବା ଏକ ଦନ୍ତା ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେଇଥିଲା। ଫଳରେ ମନ୍ଦାକିନୀଙ୍କ ବାମ ଗୋଡ ଭାଙ୍ଗିବା ସହ ତାଙ୍କର ମୁହଁରେ ମଧ୍ୟ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଫଳରେ ସେ ଚିତ୍କାର କରିବାରୁ ଆଖପାଖରେ ଥିବା ଲୋକେ ସେଠାକୁ ଧାଇଁ ଆସି ହାତୀ ଦଳକୁ ଘଉଡାଇବାସହ ମନ୍ଦାକିନୀଙ୍କୁ ଉଦ୍ଧାର କରି ବନ ବିଭାଗ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିବାପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ତେବେ ଉପରୋକ୍ତ ହାତୀପଲ ଏବେ ମଧ୍ୟ ନିକଟସ୍ଥ ଜଙ୍ଗଲରେ ରହିଥିବାରୁ ଗାଁକୁ ପୁଣିଥରେ ଫେରିବା ଆଶଙ୍କାରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏଣୁ ଅଞ୍ଚଳବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ କର୍ତ୍ତୃପକ୍ଷ ଉକ୍ତ ୧୧ଟିକିଆ ହାତୀପଲକୁ ଅନ୍ୟତ୍ର ଘଉଡାଇବାକୁ ସାଧାରଣରେ ଦାବି ହେଉଛି।

## ମହିଳା କଲ୍ୟାଣ ସଙ୍ଗଠନର ଗ୍ରୀଷ୍ମକାଳୀନ ଶିବିର



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ପୁରସ୍କୃତ ଶିଶୁ ପ୍ରତିଭା।

ସମ୍ବଲପୁର,୧୦।୬(ପ୍ରମୋଦ ବହିଦାର)

ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଗଠନ ସମ୍ବଲପୁର ପକ୍ଷରୁ ଆୟୋଜିତ ଗ୍ରୀଷ୍ମକାଳୀନ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ମେ ୧ ତାରିଖଠାରୁ ନୃତ୍ୟ, ଚିତ୍ରାଙ୍କନ, ଚିତ୍ରକଳା, ଯୋଗ, ସନ୍ତରଣ ଆଦି ବିଭିନ୍ନ କ୍ଷେତ୍ରରେ ଶିଶୁମାନଙ୍କ ଜ୍ଞାନ ଓ ଦକ୍ଷତା ବିକାଶ ପାଇଁ ଏହି ଶିବିର ଆରମ୍ଭ ହୋଇଥିଲା। ସୋମବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ଓ ସମ୍ମାନିତ ଅତିଥି ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ, ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଙ୍ଗଠନ ଅଧ୍ୟକ୍ଷା ଲୀନା ପାଣ୍ଡେ ଯୋଗଦେଇ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଶିଶୁଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ପାଣ୍ଡେ ଗ୍ରୀଷ୍ମକାଳୀନ ଶିବିର ବିଭିନ୍ନ କ୍ଷେତ୍ରରେ ଲୁକ୍କାୟିତ ଶିଶୁପ୍ରତିଭାଙ୍କୁ ଖୋଜିବାରେ ବିଶେଷ ସହାୟକ ହୋଇ ପାରିଛି ବୋଲି କହିଥିଲେ। ଉଦ୍‌ଯାପନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ମହିଳା କଲ୍ୟାଣ ସଙ୍ଗଠନ ଉପାଧ୍ୟକ୍ଷା ରୁଚିକା ସିଂଙ୍କ ସମେତ ସମସ୍ତ ସଦସ୍ୟା ଓ ଅଭିଭାବକ ଉପସ୍ଥିତ ଥିଲେ।

## ସନାତନପାଲିରେ ପାନୀୟ ଜଳ ସଙ୍କଟ

ପଡ଼ିଆବାହାଲ,୧୦।୬(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଜୁଯୋମୁରା ବ୍ଲକ ଘେମୁପାଲି ଗ୍ରାମପଞ୍ଚାୟତ ସନାତନପାଲି ହରିଜନ ପଡ଼ାଠାରେ ପାନୀୟଜଳ ସଙ୍କଟ ଦେଖାଦେଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଅଞ୍ଚଳରେ ପାରମ୍ପରିକ ଜଳ ଉତ୍ସଗୁଡିକ ଶୁଖିବାକୁ ବସିଛି। ନଳକୂପ ଥିଲେ ମଧ୍ୟ ଏଥିରୁ ବାହାରୁଥିବା ଜଳ ପିଇବା ଉପଯୋଗୀ ହୋଇପାରୁ ନାହିଁ। ଅନ୍ୟପକ୍ଷେ କେନାଲରେ ପାଣି ଆସୁ ନ ଥିବାରୁ ଲୋକେ ସ୍ନାନ ଶୌଚାଦି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରିବାକୁ ସୁଶୀଲ ଚାନ୍ଦ, ବାବୁଲାଲ ସୁନା, ପ୍ରଭା ବେସନ, କିଶୋର ଗରଡ଼ିଆ, ରାଇବାରୀ ସିଂ, ପ୍ରସନ୍ନ ଗରଡ଼ିଆ, ବବିତା ବାଦି ପ୍ରମୁଖ ପଡ଼ାବାସୀ ଦାବି କରିଛନ୍ତି।

## ଝାରସୁଗୁଡ଼ାରେ ବଢୁଛି ବେକାରି ସମସ୍ୟା

ଝାରସୁଗୁଡା, ୧୦।୬ (ସଞ୍ଜୟ ମାଲି)

ସହରରେ ତଥା ଆଖପାଖ ଅଞ୍ଚଳରେ ଗଢ଼ି ଉଠିଥିବା ଶିଳ୍ପାନୁଷ୍ଠାନରେ ନିଯୁକ୍ତିକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଝାରସୁଗୁଡ଼ା ଜିଲାରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହେବାଫଳରେ ନିଯୁକ୍ତି ସୁଯୋଗ ହୋଇଥିଲା। ବିଭିନ୍ନ ଜିଲା ସମେତ ବାହାର ରାଜ୍ୟର ଯୁବକଯୁବତୀ ନିଯୁକ୍ତି ପାଇଁ ଝାରସୁଗୁଡ଼ାକୁ ଚାଲିଆସିଥିଲେ। ଜିଲା ନିଯୋଜନ କାର୍ଯ୍ୟାଳୟରେ ଯୁବକ ଯୁବତୀ ଲମ୍ବା ଧାଡ଼ି ହୋଇ ପଞ୍ଜିକରଣ କରିଥିବା ଦେଖିବାକୁ ମିଳୁଥିଲା। ତା'ପରେ ହାତ ଗଣତି ଶିଳ୍ପାନୁଷ୍ଠାନ ଛାଡି ଦେଲେ ଗୋଟିକ ପରେ ଗୋଟିଏ ଶିଳ୍ପାନୁଷ୍ଠାନ ବନ୍ଦ ହୋଇଯାଇଥିଲା। ତାପରେ ଯୁବକଯୁବତୀ ନିଯୁକ୍ତି ପାଇଁ ମନ ଉଦାସ ରହୁଥିବାର ଦେଖିବାକୁ ମିଳିଥିଲା। ଝାରସୁଗୁଡ଼ା ଜିଲା ନିଯୋଜନ କାର୍ଯ୍ୟାଳୟର ସୂତ୍ରରୁ ଜଣାପଡିଛି ଯେ ୧୭୯୮୯ ଜଣ ପିଲା ନିଜ ନାମ ପଞ୍ଜୀକୃତ କରିଥିବାବେଳେ ଜିଲାର ବିଭିନ୍ନ ଶିଳ୍ପାନୁଷ୍ଠାନରେ ମୋଟ ୩୪୭୩୪ ଜଣ ସିଧାସଳଖ ଓ ଠିକାଦାର ଅଧିନରେ ନିଯୁକ୍ତି ପାଇଛନ୍ତି। ଜିଲାର ବେଦାନ୍ତ କମ୍ପାନୀରେ ମୋଟ ୧୬୪୭୫ ଜଣ କର୍ମଚାରୀ ନିଯୁକ୍ତି ପଦ ଥିବାବେଳେ ସେଥିରୁ ୫୬୭୦ ଜଣଙ୍କୁ ଜିଲା ଭିତର ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳିଛି। ଅନ୍ୟପଟେ ଦେଖିବାକୁ ଗଲେ ଝାରସୁଗୁଡ଼ାର ବିଭିନ୍ନ ଶିଳ୍ପାନୁଷ୍ଠାନରେ ବାହାର ରାଜ୍ୟର ପିଲାମାନଙ୍କ କାର୍ଯ୍ୟ ଦକ୍ଷତାକୁ ଦେଖି ନିଯୁକ୍ତି ମିଳୁଥିବା ବେଳେ ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା କରାଯାଉଛି। ବିଭିନ୍ନ ସମୟରେ ବିଧାୟକ ଓ ମନ୍ତ୍ରୀଙ୍କ ଚାପରେ ନିଯୁକ୍ତି ମିଳୁଥିବାବେଳେ ଜିଲାରେ ନିଯୁକ୍ତି ମେଳା ଅନୁଷ୍ଠିତ ହେଉ ନ ଥିବାର ପରିଲକ୍ଷିତ ହେଉଛି। ଅନେକ ସମୟରେ ସ୍ଥାନୀୟ ପିଲାମାନଙ୍କୁ ଧମକଚମକ ଦେଇଥିବା ମଧ୍ୟ ସୂଚନା ମିଳୁଥିବା ବେଳେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି ପାଇଁ ଅଣଦେଖା କରାଯାଉଛି। ବର୍ତ୍ତମାନ ସ୍ଥିତିରେ ଅଧିକାଂଶ ଶିଳ୍ପାନୁଷ୍ଠାନ ବନ୍ଦ ହୋଇଯାଇଥିବାବେଳେ ହାତଗଣତି ଶିଳ୍ପାନୁଷ୍ଠାନ ଗୁଡିକରେ ସ୍ଥାନୀୟ ନିଯୁକ୍ତି ପାଉ ନ ଥିବାରୁ ବେକାରୀ ସମସ୍ୟା ଗୁରୁତର ହେଉଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ନିଯୁକ୍ତି ଦେବା ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଦୀର୍ଘ ଦିନରୁ ଦାବି ହୋଇଆସୁଛି।

## ହାତୀପଲ ବସ୍ତି ମୁହାଁ

ଦେଓଗାଁ,୧୦।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ସଇଁନ୍ତଲା ବନାଞ୍ଚଳ ରେଞ୍ଜ କନ୍ଧକେଲଗାଁ ଫରେଷ୍ଟ ସେକସନ୍ ଅନ୍ତର୍ଗତ ବହଲି ,ସିଆଲବାହାଲି, କୁତୁର୍ଲା, ସାରସବାହାଲ, ମୁରସିଂହ, ଲଣ୍ଡାପଥର, କରୁଆଁଝର ଗ୍ରାମବାସୀ ହାତୀପଲ ପାଇଁ ଏବେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଗତ ସପ୍ତାହେ ହେଲା ୧୨ ଟିକିଆ ହାତୀପଲ ଏହି ଅଞ୍ଚଳ ଆଖପାଖରେ ରହୁଥିବା ବେଳେ ଜଙ୍ଗଲ ବିଭାଗ ନୀରବଦ୍ରଷ୍ଟା ସାଜିଛି । ଏପରି କି ହାତୀପଲ ଦିନରେ ନିକଟ ଜଙ୍ଗଲରେ ରହୁଥିବା ବେଳେ ବିଳମ୍ବିତ ରାତିରେ ବସ୍ତି ଆଡକୁ ଆସୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ହାତୀପଲର ଭୟ ଓ ଅନ୍ୟପଟେ ହାତୀ ପାଇଁ ବିଦ୍ୟୁତ କାଟ୍ ଲୋକଙ୍କୁ ଅତିଷ୍ଠ କରିଦେଉଛି । ରବିବାର ରାତିରେ ହାତୀପଲ ମୁରସିଂହ ଗୁଞ୍ଜିମୁଡା ଦେଇ ବହଲି ଜଙ୍ଗଲ ପଟୁ ଗାଁର ଶେଷ ମୁଣ୍ଡରେ ପହଞ୍ଚି ଥିଲେ । ହାତୀପଲର ଗର୍ଜନ ଶୁଣି ଗ୍ରାମବାସୀ ଆତଙ୍କିତ ହୋଇପଡିଥିଲେ । ଏ ନେଇ ଜଙ୍ଗଲ ବିଭାଗକୁ ଖବର ଦିଆଯାଇଥିଲା । ହାତୀଙ୍କୁ ଘଉଡାଇବା ପାଇଁ ଚେଷ୍ଟା କରୁଛୁ ବୋଲି କୁହାଯାଇଥିବା ବେଳେ କୌଣସି ବନ କର୍ମଚାରୀଙ୍କୁ ଦେଖିବାକୁ ମିଳି ନ ଥିଲା। ଫରେଷ୍ଟର ଶୁଶିଲ ପୁଟାଙ୍କୁ ହାତୀପଲ ଗାଁ ମୁହାଁ ହୋଇଥିବା ଜଣାଇବା ପରେ ବି କେହି ନ ଆସିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ହାତୀପଲ ବହଲି ଗ୍ରାମର କେତେଜଣ ଚାଷୀଙ୍କ ଚାଷ ଜମିର ଫସଲ ଓ କ୍ଷେତର ଅସ୍ଥାୟୀ ଘରକୁ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ଏ ଦିଗରେ ଜିଲା ବନଖଣ୍ଡ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଗରିବଙ୍କ ଚାଷଜମି ଉପରେ ବନବିଭାଗ ନଜର


ଜିଲାପାଳଙ୍କୁ ଫେରାଦ ହୋଇଥିବା ଲୋକେ।

- ଜେସିବି ଲଗାଇ ଜମିହିଡ଼ ଭାଙ୍ଗିଲେ
- ଜିଲାପାଳ, ଡିଏଫ୍‌ଓଙ୍କୁ ଫେରାଦ
- ନ୍ୟାୟ ଦାବିକଲେ ପ୍ରଭାବିତ ଲୋକେ

ବରଗଡ଼,୧୦।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସଦର ବ୍ଲକ ଅନ୍ତର୍ଗତ ଖଣ୍ଡହଥା ପଞ୍ଚାୟତର ନୂଆଁଗଡ଼ ଏବଂ ଭେଡ଼େନ ବ୍ଲକ ଅନ୍ତର୍ଗତ ତାଲମେଣ୍ଡା ପଞ୍ଚାୟତର ଦେହେରୀପାଲି, ବହଲପାଲି ଗ୍ରାମର ଭୂମିହୀନ ତଥା ଅନୁସୂଚିତ ଜାତି, ଜନଜାତିଙ୍କୁ ଜୀବିକା ଯୋଗାଇ ପରିବାର ଗୁଜୁରାଣ ମେଣ୍ଟାଇବାର ମାଧ୍ୟମ ସାଜିଥିବା ଜମି ଉପରେ ବନବିଭାଗର ଆଖି ପଡ଼ିଛି। ଜଙ୍ଗଲ ସୃଷ୍ଟି ଆଳଦେଖାଇ ସେହି ଜମିକୁ କବ୍‌ଜା କରିବା ପାଇଁ ବନବିଭାଗ ଉଦ୍ୟମ କରୁଛି। ଏଭଳି ଅଭିଯୋଗ ନେଇ ସୋମବାର ଉପରୋକ୍ତ ଗ୍ରାମର ଭୂମିହୀନ ତଥା ଅନୁସୂଚିତ ଜାତି, ଜନଜାତି ବର୍ଗର ଲୋକେ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ବରଗଡ଼ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ବିକ୍ରମଦେବ ପଟ୍ଟନାୟକଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଏବଂ ବନଖଣ୍ଡ ଅଧିକାରୀଙ୍କୁ ପୃଥକଭାବେ ସ୍ମାରକପତ୍ର ପ୍ରଦାନ କରି ସେଦିଗରେ ବିହିତ ପଦକ୍ଷେପ ନେବା ସହିତ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ନିବେଦନ କରାଯାଇଛି।

ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, ଖଣ୍ଡହଥା ପଞ୍ଚାୟତ ସୀମାରେ ରହିଥିବା କିଛି ସମତଳ ପତିତ ଜମିକୁ ଦୀର୍ଘ ୪୫ବର୍ଷ ହେଲା, ଚାଷ ଉପଯୋଗୀ କରି ଉପରୋକ୍ତ ଗ୍ରାମର ଭୂମିହୀନ ତଥା ଅନୁସୂଚିତ ଜାତି, ଜନଜାତିର ଲୋକେ ପରିବାର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ଉକ୍ତ ଜମି ମଧ୍ୟଭାଗରେ ହୀରାକୁଦ ନଦୀବନ୍ଧ ଯୋଜନାରେ କେନାଲ ଯାଇଥିବା ଯୋଗୁ ସେଠାରେ ସେମାନେ ଚାଷବାସ କରୁଛନ୍ତି।

ତେବେ ଗତ କିଛିଦିନ ହେଲା, ଜଙ୍ଗଲ ବିଭାଗର କର୍ମଚାରୀମାନେ ଉପରୋକ୍ତ ଜମି ଅଞ୍ଚଳକୁ ଯାଇ ବୁଲାବୁଲି କରିଥିଲେ। ଗତ ୭ତାରିଖ ସକାଳୁ ଜେସିବି ମେଶିନ ଧରି ଜମିର ହିଡ଼ଗୁଡ଼ିକୁ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ତେବେ ସେହି ଜମିରେ ଚାଷବାସ କରୁଥିବା ଲୋକେ ତାହା ଜାଣିପାରି ସେଠାକୁ ପହଞ୍ଚିଥିଲେ ଏବଂ ସାମୁହିକଭାବେ ବିରୋଧ କରିଥିଲେ। ସେତେବେଳେ ସେଠାରେ ଉପସ୍ଥିତ ବନ କର୍ମଚାରୀ ବନୀକରଣ କରାଯିବ ବୋଲି କହିବାରୁ ଲୋକେ ତା'ର ପ୍ରତିବାଦ ସହିତ ସେହି କାର୍ଯ୍ୟକୁ ବନ୍ଦ କରି ଦେଇଥିଲେ।

ଅନ୍ୟପଟେ ଗତ ୨୦୦୭ରେ ମଧ୍ୟ ବନ ବିଭାଗ ଅନୁରୂପ ଉଦ୍ୟମ କରିଥିଲା ବୋଲି ଲୋକେ କହିଛନ୍ତି। ତେବେ ସେତେବେଳେ ମଧ୍ୟ ପ୍ରତିରୋଧ କରାଯିବାରୁ ଅଧିକାଂଶ ଲୋକଙ୍କ ନାମରେ କୋର୍ଟରେ ମୋକଦ୍ଦମା ବିଚାରାଧିନ ରହିଛି। ଏ ନେଇ ମୁଖ୍ୟମନ୍ତ୍ରୀ, ଅନୁସୂଚିତ ଜାତି, ଜନଜାତି ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ, ଉତ୍ତରାଞ୍ଚଳ ଆରଡ଼ିସି, ଜିଲାପାଳଙ୍କୁ ଲିଖିତ ଜଣାଇ ଏହାର ସମାଧାନ କରିବାକୁ ନିବେଦନ କରାଯାଇଥିଲା। ଏହା ପରେ ବନ ବିଭାଗ ସେତେବେଳେ ସେଭଳି କାର୍ଯ୍ୟରୁ ନିବୃତ୍ତ ରହିଥିଲା। ଲୋକେ ପୂର୍ବଭଳି ସେହି ଜମିରେ ଚାଷବାସ କରି ପରିବାର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ଏହାସତ୍ତ୍ୱେ ବିନା ନୋଟିସରେ ବନ ବିଭାଗ ଜୋରଜବରଦସ୍ତ ଜମି ହିଡ଼କୁ ଜେସିବି ମେଶିନରେ ଭାଙ୍ଗିବାରୁ ଅଞ୍ଚଳରେ ଅସନ୍ତୋଷ ତେଜି ଉଠିଛି। ଫଳରେ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ବିହିତ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି। ଲକ୍ଷ୍ମଣ ସୁନା, ଜଗତ ସୁନା, ଦେବ ବାଗ, ପରକ୍ଷିତ ବାଗ, ସଦାନନ୍ଦ ବାଗ ପ୍ରମୁଖ ସ୍ମାରକପତ୍ର ଦେବା ପାଇଁ ଜିଲାପାଳ ଏବଂ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

## ଶୀତଳଷଷ୍ଠୀ: ଚଳଚଞ୍ଚଳ ବରପାଲି ସହର


ବରପାଲିରେ ଶୀତଳଷଷ୍ଠୀ।

ବରପାଲି, ୧୦।୬( ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ୧୪୭ତମ ଶୀତଳଷଷ୍ଠୀ ପାଇଁ ସୋମବାର ସକାଳୁ ସାରା ସହର ଚଳଚଞ୍ଚଳ ହୋଇଉଠିଛି। ସକାଳେ ଯାତ୍ରା ମଣ୍ଡପରେ ମହାସ୍ନାନ ପରେ ଅମୃତ ମଣୋହି ଲାଗି ହୋଇଥିଲା। ଏହା ପରେ ଗଣ୍ଠିଆଲ ଶୋଭାଯାତ୍ରା ଯାତ୍ରା ମଣ୍ଡପରୁ ବାହାରି ନଗର ପରିକ୍ରମା କଲା ପରେ ତହସିଲ ଛକ ସ୍ଥିତ ଗତ ବର୍ଷର କନ୍ୟା ପିତାମାତାଙ୍କ ଦ୍ୱାରା ଗଣ୍ଠିଆଲ ଫିଟା ପାଇଁ ଯାଇଥିଲେ। ସେଠାରେ ଗତ ବର୍ଷର କନ୍ୟା ପିତାମାତା ରାଜ ଗୋପାଳ ଦାଶ ଓ ମିନତୀ ପତିଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ମହିଳାମାନେ ଶୋଭାଯାତ୍ରାରେ ତହସିଲ ଛକରୁ ମାତା ପାର୍ବତୀଙ୍କୁ ଶୋଭାଯାତ୍ରାରେ ଆଣିଥିଲେ। ସେପଟେ କପିଳେଶର ବାବା ଯାତ୍ରା ମଣ୍ଡପରେ ପହଞ୍ଚିଲା ପରେ ସେଠାରେ ହଳଦୀ ଆରମ୍ଭ ହୋଇଥିଲା। ସମସ୍ତ ଯାତ୍ରାକାରୀଙ୍କ ସମେତ ବହୁ ଭକ୍ତ ଏଥିରେ ସାମିଲ ହୋଇଥିଲେ। ସେହିପରି ହିମାଦ୍ରୀ ନଗରରେ ମଧ ହଳଦୀ ଧୁମଧାମରେ ପାଳିତ ହୋଇଥିଲା। ସନ୍ଧ୍ୟାରେ ପ୍ରଥମ ଅଳଙ୍କାର ଧାରଣ ଶୋଭାଯାତ୍ରା ହିମାଦ୍ରି ନଗର ପହଞ୍ଚି ଜଗତଜନନୀ ମା' ପାର୍ବତୀଙ୍କ ଅଳଙ୍କାର ଧାରଣ କରାଯାଇଥିଲା। ରାତିରେ ବାବାଙ୍କ ବାରାନୁଗମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବିଭିନ୍ନ ଛକରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ହାଇସ୍କୁଲ ପଡିଆରେ ହେଉଥିବା ନଟରାଜ ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ତାରକାସୁର ଦରବାର ମଧ ବେଶ ଲୋକାରଣ୍ୟ ଥିଲା। ତାରକାସୁର ଭୂମିକାରେ ଗୋଲାପ ଦାଶଙ୍କ ଅଭିନୟ ଦର୍ଶକ ପସନ୍ଦ କରିଛନ୍ତି।

## ଯୁଗ୍ମ ଜନଶୁଣାଣି ଶିବିର: ୫୯ଅଭିଯୋଗ ପଞ୍ଜୀକୃତ


ଯୁଗ୍ମ ଜନଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପି ଅଭିଯୋଗ ଶୁଣୁଛନ୍ତି।

ବରଗଡ଼,୧୦।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭେଡ଼େନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପି. ଏସ୍ ମିନା, ଉପଜିଲାପାଳ କୁମାର ନାଗଭୂଷଣ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ପାନୀୟଜଳ ଯୋଗାଣ, ମଣ୍ଡିରେ ଧାନବିକ୍ରି ସମସ୍ୟା, ଫସଲବୀମା, ରାଶନ କାର୍ଡ଼, ରାସ୍ତା ନିର୍ମାଣ ଆଦି ସମସ୍ୟା ଆଧାରିତ ୫୯ ଅଭିଯୋଗ ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୪୯ଅଭିଯୋଗ ବ୍ୟକ୍ତିଗତ ଏବଂ ଅନ୍ୟ ୧୦ଟି ସାମୂହିକ ଅଭିଯୋଗ ରହିଥିଲା। ଉକ୍ତ ସମସ୍ୟାଗୁଡ଼ିକର ତ୍ୱରିତ୍ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ବ୍ରାହ୍ମଣ ସମାଜ ତରଫରୁ ଗୌରୀଶଙ୍କର ମେଧା ସମ୍ମାନ

ପଦ୍ମପୁର, ୧୦।୬ (ପ୍ରଦୀପ୍ତ ଦାଶ)

ବ୍ରାହ୍ମଣ ସମାଜ ପଦ୍ମପୁର ଆନୁକୂଲ୍ୟରେ ଚଳିତ ବର୍ଷ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ମିତ୍ରା ବରୁଣ ଦାଶଙ୍କୁ ଗୌରୀଶଙ୍କର ତ୍ରିପାଠୀ ମେଧା ସମ୍ମାନ ଦିଆଯାଇଥିଲା। ସୋମବାର ବ୍ରାହ୍ମଣ ସମାଜ କଲ୍ୟାଣ ମଣ୍ଡପରେ ଏହି ଉପଲକ୍ଷେ ଏକ ଉତ୍ସବରେ ସମାଜର ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ଦାଶଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସ୍ୱର୍ଗତ ଗୌରୀ ଶଙ୍କର ତ୍ରିପାଠୀ ଙ୍କ ସ୍ମୃତିରେ ତାଙ୍କ ପୁତ୍ରମାନଙ୍କ ଦ୍ୱାରା ପ୍ରତିବର୍ଷ ଦିଆଯାଉଥିବା ଏ ସମ୍ମାନରେ ନଗଦ ୫୦୦୦ ଟଙ୍କା ସହ ଉତ୍ତରୀୟ ଓ ଉପଢୌକନ ଦିଆଯାଇଥାଏ। ମିତ୍ରା ବରୁଣଙ୍କ ପିତା ଓକିଲ ମଳୟ ଦାଶ ଓ ମାତା ଅଧ୍ୟାପିକା ଲୋପାମୁଦ୍ରା ନାୟକ ତାଙ୍କ ଅଭିଭାଷଣରେ ଆଶୀର୍ବାଦ ପାଇଁ ସମାଜକୁ ଧନ୍ୟବାଦ ଦେଇଥିଲେ। ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀଙ୍କୁ ମଧ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଇଓ ତ୍ରିବିକ୍ରମ ପାଣିଗ୍ରାହୀ ଆଗକୁ ଆହୁରି ପରିଶ୍ରମ କରି ନିଜ ଅଞ୍ଚଳର ମାନ ରଖିବାକୁ ପରାମର୍ଶ ଦେଇଥିଲେ। ମନୋଜ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଜୟନାରାୟଣ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ସୁରେଶ ପତି। ଶେଷରେ ସଦାନନ୍ଦ ପୁରୋହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବଳଦେବ ପାଣିଗ୍ରାହୀ, ଶାନ୍ତନୁ ପାଣିଗ୍ରାହୀ, ଭାସ୍କର ଦାଶ ଓ ଉମେଶ ଦାଶ ଉତ୍ସବ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।


ମିତ୍ରା ବରୁଣ ଦାଶଙ୍କୁ ଗୌରୀଶଙ୍କର ତ୍ରିପାଠୀ ମେଧା ସମ୍ମାନ ପ୍ରଦାନ କରାଯାଉଛି।

## ତାରକାସୁର ଦରବାରରେ ସମ୍ମାନିତ ହେଲେ


ଚିତ୍ରଶିଳ୍ପୀ ଚିତ୍ତରଞ୍ଜନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ପଦ୍ମପୁର,୧୦।୬ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଶୀତଳଷଷ୍ଠୀ ଅବସରରେ ୪ଦିନ ଧରି ଚାଲିଥିବା ତାରକାଶୁର ଦରବାରରେ ତୃତୀୟ ଦିବସରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ, ଓଡିଶୀ ସମେତ ଅନେକ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ଏହି ଦରବାରରେ ରାଜ ଅତିଥି ଭାବରେ ପଦ୍ମପୁରର ପୂର୍ବତନ ଏନ୍‌ଏସି ଚେୟାରମ୍ୟାନ ତଥା ଲାୟନସ କ୍ଲବ ସଭାପତି ପ୍ରିତମ ମେହେର, ବଣିକ ସଂଘର ସଭାପତି ପ୍ରତାପ ମିଶ୍ର, ଚିତ୍ରଶିଳ୍ପୀ ଚିତ୍ତରଞ୍ଜନ ସାହୁ, ଲୋକ ସଙ୍ଗୀତ ଗାୟିକା ପୁଷ୍ପାରାଣୀ ତାଣ୍ଡିଙ୍କ ସମେତ ମାରୱାଡି ଯୁବାମଞ୍ଚର ସଦସ୍ୟ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସମସ୍ତଙ୍କୁ ମହାରାଜା ତାରକାଶୁର ସମେତ କମିଟିର କାର୍ଯ୍ୟକାରୀ ସଭାପତି ହରିଶଙ୍କର ଅଗ୍ରୱାଲ, ବେଣୁମାଧବ ଦୋରା, ଅଜିତ ପାତ୍ର, ସମ୍ପାଦକ ଅଚ୍ୟୁତାନନ୍ଦ ସେଠ ପ୍ରମୁଖ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

## ରେଲୱେ ଠିକା ସଂସ୍ଥା ଶ୍ରମିକଙ୍କ ମୃତ୍ୟୁ

ବୌଦ୍ଧ,୧୦।୬ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଥାନା ଅନ୍ତର୍ଗତ କରଡାକୋଠାଠାରେ ରେଲୱେ ଠିକାସଂସ୍ଥାର ଜଣେ ଶ୍ରମିକଙ୍କ ସୋମବାର ଦିନ ମୃତ୍ୟୁ ଘଟିଛି । ମିଳିଥିବା ସୂଚନା ମୁତାବକ, ବେସରକାରୀ ଠିକା ସଂସ୍ଥାରେ ପଶ୍ଚିମବଙ୍ଗ ରାଜ୍ୟ ରାନିଗଞ୍ଜର ଖାଦୀମୁଲ ଇସଲାମ (୨୦) କରଡାକୋଠା ଠାରେ ଥିବା ଠିକା ସଂସ୍ଥାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ରବିବାର ସେ ରାତିରେ ଖାଇ ସାରି ଶୋଇଥିବା ବେଳେ ବିଳମ୍ବିତ ରାତିରେ ଅସୁସ୍ଥ ହୋଇ ପଡିଥିଲେ । ତାଙ୍କୁ ଅନ୍ୟ ଶ୍ରମିକମାନେ ପୁରୁଣାକଟକ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ଖାଦୀମୁଲଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପୁରୁଣାକଟକ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନା ପଠାଇଛି ।

## କିଷାନ ସଂଘର ବୈଠକ

ବୌଦ୍ଧ,୧୦।୬ (ଅଜିତ କୁମାର ବାରିକ)

ଭାରତୀୟ କିସାନ ସଂଘ ବୌଦ୍ଧ ଶାଖା ପକ୍ଷରୁ ସୋମବାର ଦିନ ଗାୟତ୍ରୀ ମନ୍ଦିରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନବ ନିର୍ବାଚତ ବିଧାୟକ ସରୋଜ କୁମାର ପ୍ରଧାନ, କହ୍ନାଇ ଚରଣ ଡାଙ୍ଗ ଓ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀଙ୍କୁ ଅଭିନନ୍ଦନ ଜ୍ଞାପନ ଜଣାଯାଇଥିଲା । ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ବୌଦ୍ଧ ଗସ୍ତ ସମୟରେ ଗୁରୁଜୀମୁଣ୍ଡାର ଗମ୍ଭିରାଦରଠାରେ ଜଳଭଣ୍ଡାର ନିର୍ମାଣ ନେଇ ଦେଇଥିବା ପ୍ରତିଶ୍ରୁତି ତ୍ୱରାନ୍ୱିତ କରିବା ପାଇଁ ନୂତନ ଜନ ପ୍ରତିନିଧିଙ୍କ ନିକଟରେ ଦାବି କରିବା ପାଇଁ ସ୍ଥିର କରାଯାଇଥିଲା । କୃଷି ବିଭାଗ ପକ୍ଷରୁ ପ୍ରଚୁର ଧାନ ବିହନ ଓ ସାର ଗଚ୍ଛିତ ରଖିବାକୁ ନିବେଦନ କରାଯିବାକୁ ସ୍ଥିର କରାଯାଇଥିଲା । ବୈଠକରେ ଭୋଲାଗିରି ସାହୁ, ସୂର୍ଯ୍ୟ ମହାପାତ୍ର, ନବୀନ ପ୍ରଧାନ, ଦୃତିବାହନ କମ୍ପ, ଆରତ ଧଳ, ପ୍ରକାଶ ଦାସ, ଏସ. ପ୍ରଧାନ, ରାଜା ମଲିକଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ ।

## ଶ୍ରୀଶ୍ରୀ ସପ୍ତେଶ୍ୱର ମହାଦେବ ବାବା, ମାତା ପାର୍ବତୀଙ୍କ ବିବାହ ଉତ୍ସବ

ପଦ୍ମପୁର, ୧୦।୬ (ପ୍ରଦୀପ୍ତ ଦାଶ)

ସାର୍ବଜନୀନ ଶୀତଳଷଷ୍ଠୀ କମିଟି, ପଦ୍ମପୁର ତରଫରୁ ପଦ୍ମପୁର କଣ୍ଟାବନ୍ଧସ୍ଥିତ ଶ୍ରୀଶ୍ରୀ ସପ୍ତେଶ୍ୱର ମହାଦେବ ବାବାଙ୍କର ବିବାହ ଏବଂ ଶୀତଳ ଷଷ୍ଠୀ ଉତ୍ସବ ଆୟୋଜିତ ହୋଇଥିଲା। ରୀତିନୀତି ଅନୁଯାୟୀ କମିଟି ପକ୍ଷରୁ ପ୍ରଥମେ ସପ୍ତଋଷି ଏବଂ ନବଗ୍ରହ ଦେବତାଙ୍କ ଆବହନରେ ପତ୍ରପେଣ୍ଡି ଉତ୍ସବ ସମାପନ ସହ ମା'ଙ୍କର ଅଳଙ୍କାର ଧାରଣ ଉତ୍ସବ ପାଳନ କରାଯାଇଥିଲା। ସେହିପରି ମାନବୀୟ ପରମ୍ପରା ଓ ବୈଦିକ ରୀତିରେ ଉଭୟ ଶିବଶକ୍ତିଙ୍କର ପବିତ୍ର ପୂଜ୍ୟ ଏହି ବିବାହର ନୀତି ଅନୁଯାୟୀ ହରିଦ୍ର ଲେପନ ଉତ୍ସବ କରାଯାଇଥିଲା। ଯେଉଁଥିରେ ଶହଶହ ସଂଖ୍ୟାରେ ଭକ୍ତ ଯୋଗ ଦେଇ ନିଜର ପ୍ରଭୁଙ୍କୁ ସ୍ନେହ ହଳଦିରେ ଅଭିଷେକ କରିଥିଲେ। ଏହା ପରେ ରୁଦ୍ରାଭିଷେକ ସମ୍ପୂର୍ଣ୍ଣ ସହ ଭବ୍ୟ ଶୋଭାଯାତ୍ରାରେ ପଞ୍ଚବାଦ୍ୟ, ଦୁଲଦୁଲୀ, ସଙ୍କୀର୍ତ୍ତନ ସହ ଘଣ୍ଟ ଶଙ୍ଖ ଡମ୍ବରୁ ସହ ବୈଦିକ ମନ୍ତ୍ରରେ ସାରା ନଗର ପ୍ରକମ୍ପିତ ହୋଇଉଠିଥିଲା । ଭବ୍ୟ ପଟୁଆରରେ ଦେବାଦୀ ଦେବ ଶ୍ରୀଶ୍ରୀ ସପ୍ତେଶର ମହାଦେବ ବାବାଙ୍କର ବରଯାତ୍ରା ଭକ୍ତଙ୍କ ଭିଡରେ ମାତା ଜଗତଜନନୀ ପାର୍ବତୀଙ୍କ ପିତା ମାତା ଘରେ ପହଁଞ୍ଚିବା ସହ ଦେବ ଦମ୍ପତ୍ତିଙ୍କର ବିବାହ ଉତ୍ସବ ସମ୍ପୂର୍ଣ୍ଣ ହୋଇଥିଲା। ଏହି ଅବସରରେ ଏହି ପବିତ୍ର ବିବାହ ଉତ୍ସବର ସାକ୍ଷ୍ୟ ରହିବା ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କର ଭିଡ଼ ଜମିଥିଲା।


ସପ୍ତେଶ୍ୱର ମହାଦେବ ବାବାଙ୍କର ଶୀତଳଷଷ୍ଠୀ।

# କ୍ରିଷ୍ଣା ବିକାଶ ଗ୍ରୁପ ଛାତ୍ରୀଛାତ୍ରଙ୍କ ସଫଳତା

### ଆଇଆଇଟି-ଜେଇଇ ପରୀକ୍ଷାଫଳ

ବରଗଡ଼, ୧୦।୬ (ପ୍ରେମାନନ୍ଦ ଖମାରୀ)

ଚଳିତ ଶିକ୍ଷାବର୍ଷର ସଦ୍ୟ ପ୍ରକାଶିତ ସର୍ବଭାରତୀୟ ଆଇଆଇଟି ଜେଇଇ (ଏଡ଼ଭାନ୍ସଡ୍) ପ୍ରବେଶିକା ପରୀକ୍ଷା ୨୦୨୪ରେ କ୍ରୀଷ୍ଣା ବିକାଶ ଗ୍ରୁପ ଅନ୍ତର୍ଗତ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ସିବିଏସ୍‌ଇ ଦ୍ୱାଦଶ ବିଜ୍ଞାନ ଶ୍ରେଣୀର ୩ଜଣ ଛାତ୍ର ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଛାତ୍ର ପ୍ରଥମ ପ୍ରୟାସରେ ସଫଳ ହୋଇଛନ୍ତି। ସେମାନେ ଦେଶର ସ୍ୱନାମଧନ୍ୟ ଆଇଆଇଟି ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଡ଼ମିଶନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି କ୍ରୀଷ୍ଣା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ସୂଚନା ଦେଇଛନ୍ତି। ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଶାଖାର ଅଧକ୍ଷ ଚିତ୍ତରଞ୍ଜନ ପତି ପରୀକ୍ଷାଫଳ ଉପରେ ସମ୍ପୂର୍ଣ୍ଣ ସୂଚନା ଦେଇଛନ୍ତି। ବିକାଶ ଆବାସିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ର ରିତେଶରାଜ ସାହୁ ୧୪୪୬ ର୍‍ୟାଙ୍କ(ଓବିସି), ପ୍ରିୟାଙ୍କ ଅଗ୍ରୱାଲ ୪୫୬୫ ର୍‍ୟାଙ୍କ(ସାଧାରଣ ବର୍ଗ), କିରନ କୁମାର ଭୋଇ ୬୯୪୬ ର୍‍ୟାଙ୍କ(ଓବିସି) ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜୟନ୍ତ କୁଅଁର ୪୬୬୮ ର୍‍ୟାଙ୍କ(ଏସସି) ସଫଳତାର ସହିତ ତାଲିକାର ଶୀର୍ଷରେ ରହି ବିଦ୍ୟାଳୟ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୂରଲୀ କ୍ରୀଷ୍ଣା ପରୀକ୍ଷାଫଳରେ ଖୁସି ବ୍ୟକ୍ତ କରିବା ସହିତ ଶିକ୍ଷାବର୍ଷ ୨୦୨୩-୨୪ର ସମସ୍ତ ପରୀକ୍ଷା ଫଳାଫଳ ଉପରେ ବିବରଣୀ ଦେଇ ନିଟ୍(ୟୁଜି) ପରୀକ୍ଷାରେ ୩୪ ଛାତ୍ରୀଛାତ୍ର ୬୦୦ରୁ ଉର୍ଦ୍ଧ୍ୱ ମାର୍କ, ୬୮ ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ମାର୍କ ଆଣିଥିବାବେଳେ ୨୩୦ ଛାତ୍ରୀଛାତ୍ର ସଫଳ ହୋଇଥିବା ସୂଚନା ଦେଇଛନ୍ତି। ସେହିପରି ଜେଇଇ ମେନ୍‌ପରୀକ୍ଷାରେ ୯୩ଛାତ୍ରୀଛାତ୍ର, ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀର ୭୨ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ, ସିବିଏସଇ ଦଶମ ଶ୍ରେଣୀର ୮୩ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ, ସିଏଚଏସ୍‌ଇ ଯୁକ୍ତଦୁଇ ପରୀକ୍ଷାର ୬ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ସଫଳ ହୋଇଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରୁ କ୍ରୀଷ୍ଣା ବିକାଶ ଗ୍ରୁପରେ ବୋର୍ଡ଼ ତଥା ପ୍ରବେଶିକା ପରୀକ୍ଷା ପାଇଁ ଗୁଣାତ୍ମକ ମାନର ଶିକ୍ଷାଦାନ ସହିତ ସଫଳତା କୌଶଳ ନିମନ୍ତେ ଶିକ୍ଷାଦାନ କରାଯିବା ହିଁ ସଫଳତାର ରହସ୍ୟ ବୋଲି କ୍ରୀଷ୍ଣା ମତବ୍ୟକ୍ତ କରିଛନ୍ତି। ଏହି ଅନନ୍ୟ ସଫଳତାରେ କ୍ରୀଷ୍ଣା ବିକାଶ ଗ୍ରୁପର ଟ୍ରଷ୍ଟି ଦାଶରୀ ରାମ ତୁଳସୀ, ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଶିଶିର ପ୍ରସାଦ ରାଉଳ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ସଫଳ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ରିତେଶରାଜ ସାହୁ


ପ୍ରିୟାଙ୍କ ଅଗ୍ରୱାଲ


କିରନ କୁମାର ଭୋଇ


ଜୟନ୍ତ କୁଅଁର

## ସଂକ୍ଷେପରେ

### କୂଅରେ ପଡ଼ି ନାବାଳିକା ମୃତ

କୁଆଁରମୁଣ୍ଡା, ୧୦।୬(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିରା ଗ୍ରାମରେ ଶନିବାର ଜଣେ ନାବାଳିକାଙ୍କ କୂଅରେ ପଡି ମୃତ୍ୟୁ ଘଟିଛି। ମୃତକ ହେଲେ ନିରାଲି କୁଜୁର(୭)। ଏନେଇ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଶନିବାର ନିରାଲି ଖେଳୁଥିବା ବେଳେ କୂଅରେ ପଡିଯାଇଥିଲେ। ରବିବାର ଫାଣ୍ଡି ଏଏସଆଇ ଶ୍ରୀନିବାସ ଦାସ କୂଅ ଭିତରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ସାପ କାମୁଡାରେ ମହିଳା ମୃତ

ଲହୁଣୀପଡା, ୧୦।୬(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଡଲେଇସରା ପଞ୍ଚାୟତ ରେଙ୍ଗାଲୀ ଗ୍ରାମର ଜଣେ ମହିଳାଙ୍କ ସୋମବାର ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତକ ହେଲେ ରେଙ୍ଗାଲୀ ଗ୍ରାମର କମଳିନୀ ବାରିକ (୩୦)। ଏନେଇ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, କମଳିନୀ ରବିବାର ରାତିରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମଡି ଦେଇଥିଲା। ସୋମବାର ଭୋରୁ ପରିବାର ଲୋକେ ତାଙ୍କୁ ବଣେଇଁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ପାର୍ବତୀଙ୍କ ପାଣିଗ୍ରହଣ କଲେ ବାବା ସିଦ୍ଧେଶ୍ୱର



ସୁନ୍ଦରଗଡ଼ ମହାନ୍ତିପଡ଼ାସ୍ଥିତ ଚନ୍ଦ୍ରଶେଖର ବାବାଙ୍କ ବରାନୁଗମନ ଶୋଭାଯାତ୍ରାରେ ବିଧାୟକ ଯୋଗେଶ ସିଂ ଓ ଅନ୍ୟମାନେ।

## ୬୭ ବର୍ଷରେ ପଦାର୍ପଣ କଲା ସୁନ୍ଦରଗଡ଼ ସିଦ୍ଧେଶ୍ୱର ବାବାଙ୍କ ଶୀତଳଷଷ୍ଠୀ

ସୁନ୍ଦରଗଡ଼, ୧୦।୬(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସହରର ମହାନ୍ତିପଡ଼ାସ୍ଥିତ ସିଦ୍ଧେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ଚଳିତବର୍ଷ ୬୭ ବର୍ଷରେ ପଦାର୍ପଣ କରିଛି। ୧୯୫୭ରେ ସହରର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମିଳିତ ଉଦ୍ୟମରେ ପ୍ରଥମେ ମହାନ୍ତିପଡ଼ାରେ ସିଦ୍ଧେଶ୍ୱର ବାବାଙ୍କ ଏହି ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହୋଇଥିଲା। ସେତେବେଳେ ପ୍ରଥମେ ପଡ଼ାର ସ୍ୱର୍ଗତ ମାର୍କଣ୍ଡ ଗୁରୁ ବରପିତା ଭାବେ ସିଦ୍ଧେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହାପରେ ସ୍ୱର୍ଗତ ବିଶେଶ୍ୱର ପୁରୋହିତ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଦାୟିତ୍ୱ ନିର୍ବାହ କରିଥିଲେ। ଚଳିତବର୍ଷ ଚନ୍ଦ୍ରମଣି ମିଶ୍ର ଓ ତାଙ୍କ ସ୍ତ୍ରୀ ସଙ୍ଗୀତା ମିଶ୍ର ବରପିତାମାତା ହୋଇଥିଲା ବେଳେ ଭିଡ୍ରିଆ ପଡ଼ାର ତପନ କୁମାର ତ୍ରିପାଠୀ ଓ ତାଙ୍କ ସ୍ତ୍ରୀ ସ୍ନେହଲତା କନ୍ୟା ମାତାପିତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ସୋମବାର ରାତିରେ ସିଦ୍ଧେଶ୍ୱର ବାବା ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାହାରି କନ୍ୟାପିତାଙ୍କ ବାସଭବନରେ ପହଞ୍ଚି ଥିଲେ। ସେଠାରେ ବାବା ସିଦ୍ଧେଶ୍ୱରଙ୍କୁ ବନ୍ଦାପନା କରି ବିବାହ ବେଦୀକୁ ନିଆଯାଇଥିଲା। ଏହାପରେ ନିର୍ଦ୍ଧାରିତ ଲଗ୍ନରେ ବାବା ସିଦ୍ଧେଶ୍ୱର ମାତା ପାର୍ବତୀଙ୍କ ପାଣି ଗ୍ରହଣ କରିଥିଲେ। ବିବାହ ସରିବାପରେ ସମ୍ପୂର୍ଣ୍ଣ ଲୋକାଚାର ରୀତିନୀତି ଅନୁସାରେ ମହିଳାମାନେ ବନ୍ଦାପନା କରି ବିଭିନ୍ନ ଉପହାର ପ୍ରଦାନ କରିଥିଲେ। ମଙ୍ଗଳବାର ରାତିରେ ଦେବଦମ୍ପତିଙ୍କ ନଗର ପରିକ୍ରମା ଓ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ ତଥା ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ। ଏଥିରେ ଛତିଶଗଡ଼ର ଜଲୋ ନାଚ, ବରଗଡ଼ର ଦୁଲ୍‌ଦୁଲି, ଢେଙ୍କାନାଳର ସିଂହବାଦ୍ୟ, ମଧ୍ୟପ୍ରଦେଶ ଉଜ୍ଜୟିନୀର ଡମ୍ବରୁ ବାଦ୍ୟ, କୋଲକାତାର ବାଇ ନାଚ, ରାଉରକେଲାର ଅଘୋରୀ ନାଚ ସହ ପାରମ୍ପରିକ ଦୁଲ୍‌ଦୁଲି ବାଜା, ଆଦିବାସୀ ନୃତ୍ୟ, ସମ୍ବଲପୁରୀ ଆଦି ବିଭିନ୍ନ ଲୋକନୃତ୍ୟ ଓ ଲୋକବାଦ୍ୟ ଶୋଭାଯାତ୍ରାରେ ସାମିଲ ହେବ ବୋଲି ମହାନ୍ତିପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ କୁହାଯାଇଛି। ଏଥିସହିତ ସହରର ସୁନାରୀପଡ଼ାର ବାବା ଚନ୍ଦ୍ରଶେଖର, ନୂଆପଡ଼ାର ଶିବବାବାଙ୍କ ବିବାହୋତ୍ସବ ମଧ୍ୟ ଆଡ଼ମ୍ବର ସହକାରେ ପାଳନ ହେଉଛି।

# ଲହୁଣୀପଡ଼ାରେ ଶୀତଳ ଷଷ୍ଠୀ ଉତ୍ସବ



ଲହୁଣୀପଡା, ୧୦।୬ (ଦାଶରଥି ପଣ୍ଡା)

ଲହୁଣୀପଡା ବ୍ଲକ କଲୋନୀ ସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିରରେ ଶୀତଳ ଷଷ୍ଠୀ ବା ଦେବ ଦମ୍ପତ୍ତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବର ମାତାପିତା ଭାବେ ମମତା ପ୍ରସାଦ ଓ ରାଜୀବ ପ୍ରସାଦ ଏବଂ କନ୍ୟା ମାତାପିତା ଭାବେ ଶୁଖିରାଣୀ ମାରାଣ୍ଡି ଓ ଯୁଧିଷ୍ଠିର ମାରାଣ୍ଡି ଦାୟିତ୍ୱ ତୁଲାଇଥିଲେ। ପୂଜକ କରୁଣା କର ପଣ୍ଡା ବିବାହ କାର୍ଯ୍ୟ ସଞ୍ଚାଳନ କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବିଧିବିଧାନ ମୁତାବକ ନିର୍ବନ୍ଧ, ମଙ୍ଗଳପାକ, ବରାନୁଗମନ, ବିବାହ, ପାଣିଗ୍ରହଣ କାର୍ଯ୍ୟ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଦେବ ଦମ୍ପତ୍ତିଙ୍କୁ ସୁସଜ୍ଜିତ ପାଲିଙ୍କିରେ ବସାଇ ବାଦ୍ୟନୃତ୍ୟର ତାଳେ ତାଳେ ଲହୁଣୀପଡା ସହର ପରିକ୍ରମା କରାଯାଇଥିଲା। ପ୍ରଦୀପ ଜୟସୱାଲ, ରାଜେଶ ଜୟସୱାଲ, କୃଷ୍ଣଚନ୍ଦ୍ର ଜେନା, ଦୁର୍ଯ୍ୟୋଧନ ବେହେରା, ବାପି ଖଟୁଆ, ବିନୋଦ ସା, ଚୈତନ୍ୟ ମାରାଣ୍ଡି, ଟୁକୁ ଜୟସୱାଲ, ଅଜୟ ଠାକୁର, ହିମାଂଶୁ ମାହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତାରକାସୁର ଦରବାରରେ ଚିତ୍ରଶିଳ୍ପୀ ସମ୍ମାନିତ



ଚିତ୍ରଶିଳ୍ପୀ ଚିତ୍ତରଞ୍ଜନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ପଦ୍ମପୁର, ୧୦।୬ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଶୀତଳଷଷ୍ଠୀ ଅବସରରେ ୪ଦିନ ଧରି ଚାଲିଥିବା ତାରକାଶୁର ଦରବାରରେ ତୃତୀୟ ଦିବସରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ, ଓଡ଼ିଶୀ ସମେତ ଅନେକ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ଏହି ଦରବାରରେ ରାଜ ଅତିଥି ଭାବେ ପଦ୍ମପୁରର ପୂର୍ବତନ ଏନ୍‌ଏସି ଚେୟାରମ୍ୟାନ ତଥା ଲାୟନ୍ସ କ୍ଲବ ସଭାପତି ପ୍ରିତମ ମେହେର, ବଣିକ ସଂଘର ସଭାପତି ପ୍ରତାପ ମିଶ୍ର, ଚିତ୍ରଶିଳ୍ପୀ ଚିତ୍ତରଞ୍ଜନ ସାହୁ, ଲୋକ ସଙ୍ଗୀତ ଗାୟିକା ପୁଷ୍ପାରାଣୀ ତାଣ୍ଡିଙ୍କ ସମେତ ମାରୱାଡି ଯୁବାମଞ୍ଚର ସଦସ୍ୟ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସମସ୍ତଙ୍କୁ ମହାରାଜା ତାରକାଶୁର ସମେତ କମିଟିର କାର୍ଯ୍ୟକାରୀ ସଭାପତି ହରିଶଙ୍କର ଅଗ୍ରୱାଲ, ବେଣୁମାଧବ ଦୋରା, ଅଜିତ ପାତ୍ର, ସମ୍ପାଦକ ଅଚ୍ୟୁତାନନ୍ଦ ସେଠ ପ୍ରମୁଖ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

# ଯୁଗ୍ମ ଜନଶୁଣାଣି ଶିବିର: ୫୯ଅଭିଯୋଗ ପଞ୍ଜୀକୃତ



ଯୁଗ୍ମ ଜନଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପି ଅଭିଯୋଗ ଶୁଣୁଛନ୍ତି।

ବରଗଡ଼, ୧୦।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭେଡ଼େନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପି. ଏସ୍ ମିନା, ଉପଜିଲାପାଳ କୁମାର ନାଗଭୂଷଣ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ପାନୀୟଜଳ ଯୋଗାଣ, ମଣ୍ଡିରେ ଧାନବିକ୍ରି ସମସ୍ୟା, ଫସଲବୀମା, ରାଶନ କାର୍ଡ଼, ରାସ୍ତା ନିର୍ମାଣ ଆଦି ସମସ୍ୟା ଆଧାରିତ ୫୯ ଅଭିଯୋଗ ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୪୯ଅଭିଯୋଗ ବ୍ୟକ୍ତିଗତ ଏବଂ ଅନ୍ୟ ୧୦ଟି ସାମୂହିକ ଅଭିଯୋଗ ରହିଥିଲା। ଉକ୍ତ ସମସ୍ୟାଗୁଡ଼ିକର ତ୍ୱରିତ୍ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଗ୍ରୀଷ୍ମକାଳୀନ ପାନୀୟ ଜଳ ଯୋଗାଣର ସଫଳ ପରିଚାଳନା

ରାଉରକେଲା, ୧୦।୬ (ସଙ୍ଗୀତା ଜେନା)

ଚଳିତବର୍ଷ ଗ୍ରୀଷ୍ମ ମାସରେ ରାଉରକେଲା ଶିଳ୍ପାଞ୍ଚଳରେ ପାନୀୟ ଜଳର ଆବଶ୍ୟକତାର ସୁପରିଚାଳନା ଟାଉନ୍ ଇଞ୍ଜିନିୟରିଂଙ୍ଗ ଜଳଯୋଗାଣ ବିଭାଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରିଛି। କୋଏଲ ନଦୀରେ କ୍ରମାଗତ ଜଳସ୍ତର ହ୍ରାସ ପାଇବା ସହ ପମ୍ପ ଯୋଗେ ଅଶୋଧିତ ଜଳ ଉଠାଣର କ୍ଷମତା ସୀମିତ ଥିଲା। ଏହି ସମୟରେ ଏକକାଳୀନ ଇସ୍ପାତ ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଜଳର ଚାହିଦା ବୃଦ୍ଧି ପାଇବା ସହିତ ବିଭିନ୍ନ ପାର୍କ ଓ ଉଦ୍ୟାନ ଗୁଡ଼ିକର ଜଳର ଆବଶ୍ୟକତା ମଧ୍ୟ ଅଧିକ ଥିଲା। ଜଳର ଆବଶ୍ୟକତା ମେଣ୍ଟାଇବା ପାଇଁ ସହର ଇଞ୍ଜିନିୟରିଂଙ୍ଗ ବିଭାଗ ଏହି ଯୋଜନା କାର୍ଯ୍ୟକାରୀ ଆରମ୍ଭ କରିଥିଲା। ଚଳିତ ବର୍ଷ ମାର୍ଚ୍ଚରେ ପ୍ରଥମ ସପ୍ତାହ ସୁଦ୍ଧା ଏକ କଫର୍ ଡ୍ୟାମ ନିର୍ମାଣ କରିବା ପ୍ରମୁଖ ପଦକ୍ଷେପ ଥିଲା। ଉକ୍ତ ଡ୍ୟାମ ଗ୍ରୀଷ୍ମ ଋତୁରେ ନଦୀର ଜଳସ୍ରୋତକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ସେହିପରି ଅନ୍ୟତମ ପଦକ୍ଷେପ ହେଉଛି ଇନ୍‌ଟେକ୍ ପମ୍ପ ହାଉସ୍‌ରେ ପମ୍ପ ଗୁଡ଼ିକର ଉପଲବ୍ଧତା ସୁନିଶ୍ଚିତ କରିବା। ସେକ୍ଟର-୨୦ରେ ଥିବା ଇନ୍‌ଟେକ୍ କମ୍ପ୍ଲେକ୍ସ, ୩ଟି କୂଅ ଓ ୩୬ଟି ଏମ୍‌ଜିଡି ପମ୍ପିଂ କ୍ଷମତା ସହିତ ଗଚ୍ଛିତ ହୋଇ ଗ୍ରୀଷ୍ମ ଋତୁ ପୂର୍ବରୁ ଠିକ୍ ସମୟରେ ମରାମତି ଓ ରକ୍ଷଣାବେକ୍ଷଣ କରାଯାଇଥିଲା। ଜଳର ଅବଶ୍ୟକତା ସମୟରେ ପମ୍ପ ଗୁଡ଼ିକ ବିନା କୌଣସି ଅସୁବିଧାରେ ସୁରୁଖୁରୁରେ ଚାଲୁଥିଲା। କୋଏଲନଦୀରେ ଭାସମାନ ସାମଗ୍ରୀ ପାଇଁ ପମ୍ପ ଗୁଡ଼ିକରେ ଜଳ ପ୍ରବାହ ପ୍ରତିବନ୍ଧକ ସୃଷ୍ଟି ଯେପରି ନ କରେ ସେନେଇ ନିୟମିତ ପରିଷ୍କାର ପରିଚ୍ଛନ୍ନତାକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଥିଲା। ଏହା ସହିତ ସେକ୍ଟର-୮ରେ ଥିବା ବିଡବ୍ଲ୍ୟୁଡବ୍ଲ୍ୟୁ ଓ ହିଲ୍‌ଟପ୍ ସ୍ଥିତ ଡବ୍ଲ୍ୟୁପିପିରେ ରିସାଇକ୍ଲି ପମ୍ପ ଗୁଡ଼ିକର କାର୍ଯ୍ୟ ଓ ଜଳ ପରିଚାଳନାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ନିୟମିତ ବ୍ୟବଧାନରେ ଏହି ପମ୍ପ ଗୁଡ଼ିକ ଚଳାଇବା ଦ୍ୱାରା ବିଭାଗ ଜଳର ଅପଚୟ ଆହୁରି କମ୍ କରି ପାନୀୟ ଜଳ ବଣ୍ଟନ ନେଟୱାର୍କର ନିୟମିତ ଯାଞ୍ଚ କରାଯାଇଥିଲା। ଏହା ସହ ଲୋକଙ୍କ ରିପୋର୍ଟ ଆଧାରରେ ଲିକ୍‌କୁ ରୋକାଯାଇ ଜଳ ଅପଚୟ ବନ୍ଦ କରାଯାଇଥିଲା। ଏହି ସବୁ ପଦକ୍ଷେପ ସହ ବିଭିନ୍ନ ଅଞ୍ଚଳରେ ଥିବା ଜଳାଭାବ ସ୍ଥାନକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯାଇଥିଲା। ଅନୁରୂପ ଭାବେ ଶିଳ୍ପାଞ୍ଚଳରେ ଥିବା ଜଳଛତ୍ର ଗୁଡ଼ିକରେ ନିୟମିତ ଜଳଯୋଗାଣ କରାଯାଇଥିଲା। ଏହି ସୁପରିଚାଳନା ଯୋଗୁ ସହରବାସୀଙ୍କ ପାଇଁ ସ୍ଥିର ଜଳଯୋଗାଣ ସୁନିଶ୍ଚିତ କରାଯାଇଥିଲା।



କୋଏଲନଦୀ, ସେକ୍ଟର୨୦ ପମ୍ପ ହାଉସ ଆଦିରେ ଜଳ ଉଠାଣ କରାଯାଉଛି।

# ଶୀତଳଷଷ୍ଠୀ: ଚଳଚଞ୍ଚଳ ବରପାଲି ସହର

ବରପାଲି, ୧୦।୬( ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ୧୪୭ତମ ଶୀତଳଷଷ୍ଠୀ ପାଇଁ ସୋମବାର ସକାଳୁ ସାରା ସହର ଚଳଚଞ୍ଚଳ ହୋଇଉଠିଛି। ସକାଳେ ଯାତ୍ରା ମଣ୍ଡପରେ ମହାସ୍ନାନ ପରେ ଅମୃତ ମଣୋହି ଲାଗି ହୋଇଥିଲା। ଏହା ପରେ ଗଣ୍ଠିଆଲ ଶୋଭାଯାତ୍ରା ଯାତ୍ରା ମଣ୍ଡପରୁ ବାହାରି ନଗର ପରିକ୍ରମା କଲା ପରେ ତହସିଲ ଛକ ସ୍ଥିତ ଗତ ବର୍ଷର କନ୍ୟା ପିତାମାତାଙ୍କ ଦ୍ୱାରା ଗଣ୍ଠିଆଲ ଫିଟା ପାଇଁ ଯାଇଥିଲେ। ସେଠାରେ ଗତ ବର୍ଷର କନ୍ୟା ପିତାମାତା ରାଜ ଗୋପାଳ ଦାଶ ଓ ମିନତୀ ପତିଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ମହିଳାମାନେ ଶୋଭାଯାତ୍ରାରେ ତହସିଲ ଛକରୁ ମାତା ପାର୍ବତୀଙ୍କୁ ଶୋଭାଯାତ୍ରାରେ ଆଣିଥିଲେ। ସେପଟେ କପିଳେଶର ବାବା ଯାତ୍ରା ମଣ୍ଡପରେ ପହଞ୍ଚିଲା ପରେ ସେଠାରେ ହଳଦୀ ଆରମ୍ଭ ହୋଇଥିଲା। ସମସ୍ତ ଯାତ୍ରାକାରୀଙ୍କ ସମେତ ବହୁ ଭକ୍ତ ଏଥିରେ ସାମିଲ ହୋଇଥିଲେ। ସେହିପରି ହିମାଦ୍ରୀ ନଗରରେ ମଧ୍ୟ ହଳଦୀ ଧୁମଧାମରେ ପାଳିତ ହୋଇଥିଲା। ସନ୍ଧ୍ୟାରେ ପ୍ରଥମ ଅଳଙ୍କାର ଧାରଣ ଶୋଭାଯାତ୍ରା ହିମାଦ୍ରି ନଗର ପହଞ୍ଚି ଜଗତଜନନୀ ମା' ପାର୍ବତୀଙ୍କ ଅଳଙ୍କାର ଧାରଣ କରାଯାଇଥିଲା। ରାତିରେ ବାବାଙ୍କ ବାରାନୁଗମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବିଭିନ୍ନ ଛକରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ହାଇସ୍କୁଲ ପଡିଆରେ ହେଉଥିବା ନଟରାଜ ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ତାରକାସୁର ଦରବାର ମଧ୍ୟ ବେଶ ଲୋକାରଣ୍ୟ ଥିଲା। ତାରକାସୁର ଭୂମିକାରେ ଗୋଲାପ ଦାଶଙ୍କ ଅଭିନୟ ଦର୍ଶକ ପସନ୍ଦ କରିଛନ୍ତି।

# ଶ୍ରୀଶ୍ରୀ ସପ୍ତେଶ୍ୱର ମହାଦେବ ବାବା, ମାତା ପାର୍ବତୀଙ୍କ ବିବାହ ଉତ୍ସବ

ପଦ୍ମପୁର, ୧୦।୬ (ପ୍ରଦୀପ୍ତ ଦାଶ)

ସାର୍ବଜନୀନ ଶୀତଳଷଷ୍ଠୀ କମିଟି, ପଦ୍ମପୁର ତରଫରୁ ପଦ୍ମପୁର କଣ୍ଟାବନ୍ଧସ୍ଥିତ ଶ୍ରୀଶ୍ରୀ ସପ୍ତେଶ୍ୱର ମହାଦେବ ବାବାଙ୍କର ବିବାହ ଏବଂ ଶୀତଳ ଷଷ୍ଠୀ ଉତ୍ସବ ଆୟୋଜିତ ହୋଇଥିଲା। ରୀତିନୀତି ଅନୁଯାୟୀ କମିଟି ପକ୍ଷରୁ ପ୍ରଥମେ ସପ୍ତଋଷି ଏବଂ ନବଗ୍ରହ ଦେବତାଙ୍କ ଆବହନରେ ପତ୍ରପେଣ୍ଡି ଉତ୍ସବ ସମାପନ ସହ ମା'ଙ୍କର ଅଳଙ୍କାର ଧାରଣ ଉତ୍ସବ ପାଳନ କରାଯାଇଥିଲା। ସେହିପରି ମାନବୀୟ ପରମ୍ପରା ଓ ବୈଦିକ ରୀତିରେ ଉଭୟ ଶିବଶକ୍ତିଙ୍କର ପବିତ୍ର ପୂଜ୍ୟ ଏହି ବିବାହର ନୀତି ଅନୁଯାୟୀ ହରିଦ୍ର ଲେପନ ଉତ୍ସବ କରାଯାଇଥିଲା। ଯେଉଁଥିରେ ଶହଶହ ସଂଖ୍ୟାରେ ଭକ୍ତ ଯୋଗ ଦେଇ ନିଜର ପ୍ରଭୁଙ୍କୁ ସ୍ନେହ ହଳଦିରେ ଅଭିଷେକ କରିଥିଲେ। ଏହା ପରେ ରୁଦ୍ରାଭିଷେକ ସମ୍ପୂର୍ଣ୍ଣ ସହ ଭବ୍ୟ ଶୋଭାଯାତ୍ରାରେ ପଞ୍ଚବାଦ୍ୟ, ଦୁଲଦୁଲୀ, ସଙ୍କୀର୍ତ୍ତନ ସହ ଘଣ୍ଟ ଶଙ୍ଖ ଡମ୍ବରୁ ସହ ବୈଦିକ ମନ୍ତ୍ରରେ ସାରା ନଗର ପ୍ରକମ୍ପିତ ହୋଇଉଠିଥିଲା। ଭବ୍ୟ ପଟୁଆରରେ ଦେବାଦୀ ଦେବ ଶ୍ରୀଶ୍ରୀ ସପ୍ତେଶର ମହାଦେବ ବାବାଙ୍କର ବରଯାତ୍ରା ଭକ୍ତଙ୍କ ଭିଡରେ ମାତା ଜଗତଜନନୀ ପାର୍ବତୀଙ୍କ ପିତା ମାତା ଘରେ ପହଞ୍ଚିବା ସହ ଦେବ ଦମ୍ପତ୍ତିଙ୍କର ବିବାହ ଉତ୍ସବ ସମ୍ପୂର୍ଣ୍ଣ ହୋଇଥିଲା। ଏହି ଅବସରରେ ଏହି ପବିତ୍ର ବିବାହ ଉତ୍ସବର ସାକ୍ଷ୍ୟ ରହିବା ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କର ଭିଡ଼ ଜମିଥିଲା।



ସପ୍ତେଶ୍ୱର ମହାଦେବ ବାବାଙ୍କର ଶୀତଳଷଷ୍ଠୀ।

# କ୍ରୀଷ୍ଣା ବିକାଶ ଗ୍ରୁପ ଛାତ୍ରୀଛାତ୍ରଙ୍କ ସଫଳତା

## ଆଇଆଇଟି-ଜେଇଇ ପରୀକ୍ଷାଫଳ

ବରଗଡ଼, ୧୦।୬ (ପ୍ରେମାନନ୍ଦ ଖମାରୀ)

ଚଳିତ ଶିକ୍ଷାବର୍ଷର ସଦ୍ୟ ପ୍ରକାଶିତ ସର୍ବଭାରତୀୟ ଆଇଆଇଟି ଜେଇଇ (ଏଡ଼ଭାନ୍ସଡ୍) ପ୍ରବେଶିକା ପରୀକ୍ଷା ୨୦୨୪ରେ କ୍ରୀଷ୍ଣା ବିକାଶ ଗ୍ରୁପ ଅନ୍ତର୍ଗତ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ସିବିଏସ୍‌ଇ ଦ୍ୱାଦଶ ବିଜ୍ଞାନ ଶ୍ରେଣୀର ୩ଜଣ ଛାତ୍ର ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଛାତ୍ର ପ୍ରଥମ ପ୍ରୟାସରେ ସଫଳ ହୋଇଛନ୍ତି। ସେମାନେ ଦେଶର ସ୍ୱନାମଧନ୍ୟ ଆଇଆଇଟି ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଡ଼ମିଶନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି କ୍ରୀଷ୍ଣା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ସୂଚନା ଦେଇଛନ୍ତି। ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଶାଖାର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ପରୀକ୍ଷାଫଳ ଉପରେ ସମ୍ପୂର୍ଣ୍ଣ ସୂଚନା ଦେଇଛନ୍ତି। ବିକାଶ ଆବାସିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ର ରିତେଶରାଜ ସାହୁ ୧୪୪୬ ର୍ୟାଙ୍କ(ଓବିସି), ପ୍ରିୟାଙ୍କ ଅଗ୍ରୱାଲ ୪୫୬୫ ର୍ୟାଙ୍କ(ସାଧାରଣ ବର୍ଗ), କିରନ କୁମାର ଭୋଇ ୬୯୪୬ ର୍ୟାଙ୍କ(ଓବିସି) ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜୟନ୍ତ କୁଅଁର ୪୬୬୮ ର୍ୟାଙ୍କ(ଏସସି) ସଫଳତାର ସହିତ ତାଲିକାର ଶୀର୍ଷରେ ରହି ବିଦ୍ୟାଳୟ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୂରଲୀ କ୍ରୀଷ୍ଣା ପରୀକ୍ଷାଫଳରେ ଖୁସି ବ୍ୟକ୍ତ କରିବା ସହିତ ଶିକ୍ଷାବର୍ଷ ୨୦୨୩-୨୪ର ସମସ୍ତ ପରୀକ୍ଷା ଫଳାଫଳ ଉପରେ ବିବରଣୀ ଦେଇ ନିଟ୍(ୟୁଜି) ପରୀକ୍ଷାରେ ୩୪ ଛାତ୍ରୀଛାତ୍ର ୬୦୦ରୁ ଉର୍ଦ୍ଧ୍ୱ ମାର୍କ, ୬୮ ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ମାର୍କ ଆଣିଥିବାବେଳେ ୨୩୦ ଛାତ୍ରୀଛାତ୍ର ସଫଳ ହୋଇଥିବା ସୂଚନା ଦେଇଛନ୍ତି। ସେହିପରି ଜେଇଇ ମେନ୍‌ପରୀକ୍ଷାରେ ୯୩ଛାତ୍ରୀଛାତ୍ର, ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀର ୭୨ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ, ସିବିଏସଇ ଦଶମ ଶ୍ରେଣୀର ୮୩ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ, ସିଏଚଏସ୍‌ଇ ଯୁକ୍ତଦୁଇ ପରୀକ୍ଷାର ୬ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ସଫଳ ହୋଇଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରୁ କ୍ରୀଷ୍ଣା ବିକାଶ ଗ୍ରୁପରେ ବୋର୍ଡ଼ ତଥା ପ୍ରବେଶିକା ପରୀକ୍ଷା ପାଇଁ ଗୁଣାତ୍ମକ ମାନର ଶିକ୍ଷାଦାନ ସହିତ ସଫଳତା କୌଶଳ ନିମନ୍ତେ ଶିକ୍ଷାଦାନ କରାଯିବା ହିଁ ସଫଳତାର ରହସ୍ୟ ବୋଲି କ୍ରୀଷ୍ଣା ମତବ୍ୟକ୍ତ କରିଛନ୍ତି। ଏହି ଅନନ୍ୟ ସଫଳତାରେ କ୍ରୀଷ୍ଣା ବିକାଶ ଗ୍ରୁପର ଟ୍ରଷ୍ଟି ଦାଶରୀ ରାମ ତୁଳସୀ, ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ସଫଳ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ରିତେଶରାଜ ସାହୁ



ପ୍ରିୟାଙ୍କ ଅଗ୍ରୱାଲ



କିରଣ କୁମାର ଭୋଇ



ଜୟନ୍ତ କୁଅଁର

## ପୋଖରୀରୁ ରିକ୍ସା ଚାଳକଙ୍କ ମୃତଦେହ ଜବତ

ସମ୍ବଲପୁର,(ପ୍ରମୋଦ ବହିଦାର): ସମ୍ବଲପୁର ସାକ୍ଷୀପଡ଼ା ସନ୍ତୋଷୀ ମା'ଙ୍କ ମନ୍ଦିର ନିକଟସ୍ଥ ଏକ ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସମାନ ଅବସ୍ଥାରେ ପୋଲିସ ଜବତ କରିଛି। ମୃତକ ବାହାଲପଡ଼ାର ରିକ୍ସା ଚାଳକ ପ୍ରଫୁଲ୍ଲ ନାଏକ(୬୦) ବୋଲି ଚିହ୍ନଟ କରାଯାଇଛି। କେଉଁ ପରିସ୍ଥିତିରେ ସେ ପାଣିରେ ବୁଡ଼ିଲେ ତାହା ସ୍ପଷ୍ଟ ହୋଇନାହିଁ। ଏହାକୁ ନେଇ ଧନୁପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବିଦ୍ୟୁତ୍ ବିଲ୍‌ର ସମାଧାନ ପାଇଁ ୩ ଜିଲାରେ ଅଭିଯୋଗପୀଠର ଆୟୋଜନ

ଝାରସୁଗୁଡ଼ା, ୧୦।୬ (ସଞ୍ଜୟ ମାଲି)

ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ବିବାଦୀୟ ବିଦ୍ୟୁତ୍ ବିଲ୍‌ର ସମାଧାନ ପାଇଁ ଝାରସୁଗୁଡ଼ା ଜିଲାରେ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଇଛି। ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଡବ୍ଲ୍ୟୁଓଡିଏଲ) ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଲର ସଂଶୋଧନ ଲାଗି ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେବଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ଚଳିତ ଜୁନ ମାସ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ (ଜିଆରଏଫ କ୍ୟାମ୍ପ)ର ଆୟୋଜନ କରୁଛି। ଏଣୁ ଝାରସୁଗୁଡା ଜିଲାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ନିମ୍ନଲିଖିତ ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ଅଞ୍ଚଳରେ ଉପସ୍ଥିତ ରହି ବାକିଥିବା ନିଜର ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ। ଝାରସୁଗୁଡ଼ା ଜିଲାରେ ଆସନ୍ତା ଜୁନ ୨୦ ସହର ସ୍ଥିତ ଟିପିଡବ୍ଲ୍ୟୁଓଡିଏଲର ଡିଭିଜନ ଅଫିସ ଏବଂ ଜୁନ ୨୧ ବ୍ରଜରାଜନଗର ସ୍ଥିତ ଟିପିଡବ୍ଲ୍ୟୁଓଡିଏଲର ସବ୍‌ଡିଭିଜନ ଅଫିସ ଓ ଡିଭିଜନ ଅଫିସ ଠାରେ ଏହି ବିଶେଷ ଅଭିଯୋଗ ପୀଠର ଆୟୋଜନ କରାଯାଉଛି।

# ଗରିବଙ୍କ ଚାଷଜମି ଉପରେ ବନବିଭାଗ ନଜର



ଜିଲାପାଳଙ୍କୁ ଫେରାଦ ହୋଇଥିବା ଲୋକେ।

- ଜେସିବି ଲଗାଇ ଜମିହିଡ଼ ଭାଙ୍ଗିଲେ
- ଜିଲାପାଳ, ଡିଏଫ୍‌ଓଙ୍କୁ ଫେରାଦ
- ନ୍ୟାୟ ଦାବିକଲେ ପ୍ରଭାବିତ ଲୋକେ

ବରଗଡ଼,୧୦।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସଦର ବ୍ଲକ ଅନ୍ତର୍ଗତ ଖଣ୍ଡହଥା ପଞ୍ଚାୟତର ନୂଆଁଗଡ଼ ଏବଂ ଭେଡ଼େନ ବ୍ଲକ ଅନ୍ତର୍ଗତ ତାଲମେଣ୍ଡା ପଞ୍ଚାୟତର ଦେହେରୀପାଲି, ବହଲପାଲି ଗ୍ରାମର ଭୂମିହୀନ ତଥା ଅନୁସୂଚିତ ଜାତି, ଜନଜାତିଙ୍କୁ ଜୀବିକା ଯୋଗାଇ ପରିବାର ଗୁଜୁରାଣ ମେଣ୍ଟାଇବାର ମାଧ୍ୟମ ସାଜିଥିବା ଜମି ଉପରେ ବନବିଭାଗର ଆଖି ପଡ଼ିଛି। ଜଙ୍ଗଲ ସୃଷ୍ଟି ଆଳଦେଖାଇ ସେହି ଜମିକୁ କବ୍‌ଜା କରିବା ପାଇଁ ବନବିଭାଗ ଉଦ୍ୟମ କରୁଛି। ଏଭଳି ଅଭିଯୋଗ ନେଇ ସୋମବାର ଉପରୋକ୍ତ ଗ୍ରାମର ଭୂମିହୀନ ତଥା ଅନୁସୂଚିତ ଜାତି, ଜନଜାତି ବର୍ଗର ଲୋକେ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ବରଗଡ଼ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ବିକ୍ରମଦେବ ପଟ୍ଟନାୟକଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଏବଂ ବନଖଣ୍ଡ ଅଧିକାରୀଙ୍କୁ ପୃଥକଭାବେ ସ୍ମାରକପତ୍ର ପ୍ରଦାନ କରି ସେଦିଗରେ ବିହିତ ପଦକ୍ଷେପ ନେବା ସହିତ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ନିବେଦନ କରାଯାଇଛି।

ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, ଖଣ୍ଡହଥା ପଞ୍ଚାୟତ ସୀମାରେ ରହିଥିବା କିଛି ସମତଳ ପତିତ ଜମିକୁ ଦୀର୍ଘ ୪୫ବର୍ଷ ହେଲା, ଚାଷ ଉପଯୋଗୀ କରି ଉପରୋକ୍ତ ଗ୍ରାମର ଭୂମିହୀନ ତଥା ଅନୁସୂଚିତ ଜାତି, ଜନଜାତିର ଲୋକେ ପରିବାର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ଉକ୍ତ ଜମି ମଧ୍ୟଭାଗରେ ହୀରାକୁଦ ନଦୀବନ୍ଧ ଯୋଜନାରେ କେନାଲ ଯାଇଥିବା ଯୋଗୁ ସେଠାରେ ସେମାନେ ଚାଷବାସ କରୁଛନ୍ତି।

ତେବେ ଗତ କିଛିଦିନ ହେଲା, ଜଙ୍ଗଲ ବିଭାଗର କର୍ମଚାରୀମାନେ ଉପରୋକ୍ତ ଜମି ଅଞ୍ଚଳକୁ ଯାଇ ବୁଲାବୁଲି କରିଥିଲେ। ଗତ ୭ତାରିଖ ସକାଳୁ ଜେସିବି ମେଶିନ ଧରି ଜମିର ହିଡ଼ଗୁଡ଼ିକୁ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ତେବେ ସେହି ଜମିରେ ଚାଷବାସ କରୁଥିବା ଲୋକେ ତାହା ଜାଣିପାରି ସେଠାକୁ ପହଞ୍ଚିଥିଲେ ଏବଂ ସାମୁହିକଭାବେ ବିରୋଧ କରିଥିଲେ। ସେତେବେଳେ ସେଠାରେ ଉପସ୍ଥିତ ବନ କର୍ମଚାରୀ ବନୀକରଣ କରାଯିବ ବୋଲି କହିବାରୁ ଲୋକେ ତା'ର ପ୍ରତିବାଦ ସହିତ ସେହି କାର୍ଯ୍ୟକୁ ବନ୍ଦ କରି ଦେଇଥିଲେ।

ଅନ୍ୟପଟେ ଗତ ୨୦୦୭ରେ ମଧ୍ୟ ବନ ବିଭାଗ ଅନୁରୂପ ଉଦ୍ୟମ କରିଥିଲା ବୋଲି ଲୋକେ କହିଛନ୍ତି। ତେବେ ସେତେବେଳେ ମଧ୍ୟ ପ୍ରତିରୋଧ କରାଯିବାରୁ ଅଧିକାଂଶ ଲୋକଙ୍କ ନାମରେ କୋର୍ଟରେ ମୋକଦ୍ଦମା ବିଚାରାଧିନ ରହିଛି। ଏ ନେଇ ମୁଖ୍ୟମନ୍ତ୍ରୀ, ଅନୁସୂଚିତ ଜାତି, ଜନଜାତି ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ, ଉତ୍ତରାଞ୍ଚଳ ଆରଡ଼ିସି, ଜିଲାପାଳଙ୍କୁ ଲିଖିତ ଜଣାଇ ଏହାର ସମାଧାନ କରିବାକୁ ନିବେଦନ କରାଯାଇଥିଲା। ଏହା ପରେ ବନ ବିଭାଗ ସେତେବେଳେ ସେଭଳି କାର୍ଯ୍ୟରୁ ନିବୃତ୍ତ ରହିଥିଲା। ଲୋକେ ପୂର୍ବଭଳି ସେହି ଜମିରେ ଚାଷବାସ କରି ପରିବାର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ଏହାସତ୍ତ୍ୱେ ବିନା ନୋଟିସରେ ବନ ବିଭାଗ ଜୋରଜବରଦସ୍ତ ଜମି ହିଡ଼କୁ ଜେସିବି ମେଶିନରେ ଭାଙ୍ଗିବାରୁ ଅଞ୍ଚଳରେ ଅସନ୍ତୋଷ ତେଜି ଉଠିଛି। ଫଳରେ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ବିହିତ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି। ଲକ୍ଷ୍ମଣ ସୁନା, ଜଗତ ସୁନା, ଦେବ ବାଗ, ପରକ୍ଷିତ ବାଗ, ସଦାନନ୍ଦ ବାଗ ପ୍ରମୁଖ ସ୍ମାରକପତ୍ର ଦେବା ପାଇଁ ଜିଲାପାଳ ଏବଂ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

## ଶୀତଳଷଷ୍ଠୀ: ଚଳଚଞ୍ଚଳ ବରପାଲି ସହର



ବରପାଲିରେ ଶୀତଳଷଷ୍ଠୀ।

ବରପାଲି, ୧୦।୬(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ୧୪୭ତମ ଶୀତଳଷଷ୍ଠୀ ପାଇଁ ସୋମବାର ସକାଳୁ ସାରା ସହର ଚଳଚଞ୍ଚଳ ହୋଇଉଠିଛି। ସକାଳେ ଯାତ୍ରା ମଣ୍ଡପରେ ମହାସ୍ନାନ ପରେ ଅମୃତ ମଣୋହି ଲାଗି ହୋଇଥିଲା। ଏହା ପରେ ଗଣ୍ଡିଆଲ ଶୋଭାଯାତ୍ରା ଯାତ୍ରା ମଣ୍ଡପରୁ ବାହାରି ନଗର ପରିକ୍ରମା କଲା ପରେ ତହସିଲ ଛକ ସ୍ଥିତ ଗତ ବର୍ଷର କନ୍ୟା ପିତାମାତାଙ୍କ ଦ୍ୱାରା ଗଣ୍ଡିଆଲ ଫିଟା ପାଇଁ ଯାଇଥିଲେ। ସେଠାରେ ଗତ ବର୍ଷର କନ୍ୟା ପିତାମାତା ରାଜ ଗୋପାଳ ଦାଶ ଓ ମିନତୀ ପତିଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ମହିଳାମାନେ ଶୋଭାଯାତ୍ରାରେ ତହସିଲ ଛକରୁ ମାତା ପାର୍ବତୀଙ୍କୁ ଶୋଭାଯାତ୍ରାରେ ଆଣିଥିଲେ। ସେପଟେ କପିଳେଶ୍ୱର ବାବା ଯାତ୍ରା ମଣ୍ଡପରେ ପହଞ୍ଚିଲା ପରେ ସେଠାରେ ହଳଦୀ ଆରମ୍ଭ ହୋଇଥିଲା। ସମସ୍ତ ଯାତ୍ରାକାରୀଙ୍କ ସମେତ ବହୁ ଭକ୍ତ ଏଥିରେ ସାମିଲ ହୋଇଥିଲେ। ସେହିପରି ହିମାଦ୍ରୀ ନଗରରେ ମଧ ହଳଦୀ ଧୁମଧାମରେ ପାଳିତ ହୋଇଥିଲା। ସନ୍ଧ୍ୟାରେ ପ୍ରଥମ ଅଳଙ୍କାର ଧାରଣ ଶୋଭାଯାତ୍ରା ହିମାଦ୍ରି ନଗର ପହଞ୍ଚି ଜଗତଜନନୀ ମା' ପାର୍ବତୀଙ୍କ ଅଳଙ୍କାର ଧାରଣ କରାଯାଇଥିଲା। ରାତିରେ ବାବାଙ୍କ ବାରାନୁଗମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବିଭିନ୍ନ ଛକରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ହାଇସ୍କୁଲ ପଡିଆରେ ହେଉଥିବା ନଟରାଜ ମହୋତ୍ସବରେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ତାରକାସୁର ଦରବାର ମଧ ବେଶ ଲୋକାରଣ୍ୟ ଥିଲା। ତାରକାସୁର ଭୂମିକାରେ ଗୋଲାପ ଦାଶଙ୍କ ଅଭିନୟ ଦର୍ଶକ ପସନ୍ଦ କରିଛନ୍ତି।

## ଯୁଗ୍ମ ଜନଶୁଣାଣି ଶିବିର: ୫୯ଅଭିଯୋଗ ପଞ୍ଜୀକୃତ



ଯୁଗ୍ମ ଜନଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପି ଅଭିଯୋଗ ଶୁଣୁଛନ୍ତି।

ବରଗଡ଼,୧୦।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭେଡ଼େନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପି. ଏସ୍ ମିନା, ଉପଜିଲାପାଳ କୁମାର ନାଗଭୂଷଣ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ପାନୀୟଜଳ ଯୋଗାଣ, ମଣ୍ଡିରେ ଧାନବିକ୍ରି ସମସ୍ୟା, ଫସଲବୀମା, ରାଶନ କାର୍ଡ଼, ରାସ୍ତା ନିର୍ମାଣ ଆଦି ସମସ୍ୟା ଆଧାରିତ ୫୯ ଅଭିଯୋଗ ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୪୯ଅଭିଯୋଗ ବ୍ୟକ୍ତିଗତ ଏବଂ ଅନ୍ୟ ୧୦ଟି ସାମୂହିକ ଅଭିଯୋଗ ରହିଥିଲା। ଉକ୍ତ ସମସ୍ୟାଗୁଡ଼ିକର ତ୍ୱରିତ୍ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ବ୍ରାହ୍ମଣ ସମାଜ ତରଫରୁ ଗୌରୀଶଙ୍କର ମେଧା ସମ୍ମାନ

ପଦ୍ମପୁର, ୧୦।୬ (ପ୍ରଦୀପ୍ତ ଦାଶ)

ବ୍ରାହ୍ମଣ ସମାଜ ପଦ୍ମପୁର ଆନୁକୂଲ୍ୟରେ ଚଳିତ ବର୍ଷ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ମିତ୍ରା ବରୁଣ ଦାଶଙ୍କୁ ଗୌରୀଶଙ୍କର ତ୍ରିପାଠୀ ମେଧା ସମ୍ମାନ ଦିଆଯାଇଥିଲା। ସୋମବାର ବ୍ରାହ୍ମଣ ସମାଜ କଲ୍ୟାଣ ମଣ୍ଡପରେ ଏହି ଉପଲକ୍ଷେ ଏକ ଉତ୍ସବରେ ସମାଜର ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ଦାଶଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସ୍ୱର୍ଗତ ଗୌରୀ ଶଙ୍କର ତ୍ରିପାଠୀ ଙ୍କ ସ୍ମୃତିରେ ତାଙ୍କ ପୁତ୍ରମାନଙ୍କ ଦ୍ୱାରା ପ୍ରତିବର୍ଷ ଦିଆଯାଉଥିବା ଏ ସମ୍ମାନରେ ନଗଦ ୫୦୦୦ ଟଙ୍କା ସହ ଉତ୍ତରୀୟ ଓ ଉପଢୌକନ ଦିଆଯାଇଥାଏ। ମିତ୍ରା ବରୁଣଙ୍କ ପିତା ଓକିଲ ମଳୟ ଦାଶ ଓ ମାତା ଅଧ୍ୟାପିକା ଲୋପାମୁଦ୍ରା ନାୟକ ତାଙ୍କ ଅଭିଭାଷଣରେ ଆଶୀର୍ବାଦ ପାଇଁ ସମାଜକୁ ଧନ୍ୟବାଦ ଦେଇଥିଲେ। ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀଙ୍କୁ ମଧ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଇଓ ତ୍ରିବିକ୍ରମ ପାଣିଗ୍ରାହୀ ଆଗକୁ ଆହୁରି ପରିଶ୍ରମ କରି ନିଜ ଅଞ୍ଚଳର ମାନ ରଖିବାକୁ ପରାମର୍ଶ ଦେଇଥିଲେ। ମନୋଜ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଜୟନାରାୟଣ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ସୁରେଶ ପତି। ଶେଷରେ ସଦାନନ୍ଦ ପୁରୋହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବଳଦେବ ପାଣିଗ୍ରାହୀ, ଶାନ୍ତନୁ ପାଣିଗ୍ରାହୀ, ଭାସ୍କର ଦାଶ ଓ ଉମେଶ ଦାଶ ଉତ୍ସବ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।



ମିତ୍ରା ବରୁଣ ଦାଶଙ୍କୁ ଗୌରୀଶଙ୍କର ତ୍ରିପାଠୀ ମେଧା ସମ୍ମାନ ପ୍ରଦାନ କରାଯାଉଛି।

## ବରେଇପାଲି ଥାନା ଏଏସ୍‌ଆଇଙ୍କ ପରଲୋକ

### ହୃଦ୍‌ଘାତରେ ମୃତ୍ୟୁ ସନ୍ଦେହ

ସମ୍ବଲପୁର,୧୦।୬(ପ୍ରମୋଦ ବହିଦାର)

ସମ୍ବଲପୁର ବରେଇପାଲି ଥାନା ଏଏସ୍‌ଆଇ ପଞ୍ଚୁ ବାଘଙ୍କ ସୋମବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୩ବର୍ଷ ହୋଇଥିଲା। ରବିବାର ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସହକର୍ମୀମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଠାରେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ତାଙ୍କର ହୃଦ୍‌ଜନିତ ସମସ୍ୟା ରହିଛି ବୋଲି କହିଥିଲେ। ଉତ୍ତମ ଚିକିତ୍ସା ପାଇଁ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟ ନିଆଯାଇଥିଲା। ମାତ୍ର ସେଠାରେ ପହଞ୍ଚିଲା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ମିଳିଲା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇ ପାରିବ ବୋଲି କହିଛନ୍ତି ବରେଇପାଲି ଥାନା ଆଇଆଇସି। ସୁବର୍ଣ୍ଣପୁର ଜିଲାର ମୂଳ ବାସୀନ୍ଦା ପଞ୍ଚୁ ବାଘ ସ୍ଥାନୀୟ ପୋଲିସ ବାରାକ୍‌ରେ ରହି ବରେଇପାଲି ଥାନାରେ ଏସ୍‌ଆଇଭାବେ କାର୍ଯ୍ୟରତ ଥିଲେ।

## ଗଞ୍ଜେଇ ଚୋରା ଚଲାଣ, ଯୁବକ ଗିରଫ

ସମ୍ବଲପୁର,୧୦।୬(ପ୍ରମୋଦ ବହିଦାର)

ସମ୍ବଲପୁରରୁ ବିହାରକୁ ଗଞ୍ଜେଇ ଚାଲାଣ କରୁଥିବା ଜଣେ ଯୁବକଙ୍କୁ ରେଳବାଇ ପୋଲିସ ଗିରଫ କରିଛି। ଗିରଫ ବିହାର ଔରାଙ୍ଗାବାଦ ଜିଲା ମାଥୁରପୁର ଗ୍ରାମର ରାହୁଲ କୁମାର ପାଣ୍ଡେ(୨୭)ଙ୍କ ନିକଟରୁ ୧୩ କେଜି ଗଞ୍ଜେଇ ଜବତ କରାଯାଇଛି। ସୂଚନା ଅନୁସାରେ ସୋମବାର ସନ୍ଦିଗ୍ଧ ଅବସ୍ଥାରେ ଏକ ଧଳା ବସ୍ତାରେ କିଛି ସାମଗ୍ରୀ ରଖି ସମ୍ବଲପୁର ରେଳ ଷ୍ଟେଶନର ୧ ନମ୍ବର ପ୍ଲାଟଫର୍ମରେ ଏଣେତେଣେ ବୁଲୁଥିବା ଜଣେ ଯୁବକଙ୍କ ଉପରେ ରେଳବାଇ ପୋଲିସ ସୁରକ୍ଷାକର୍ମୀଙ୍କ ନଜର ପଡ଼ିଥିଲା। ସନ୍ଦେହରେ ସୁରକ୍ଷାକର୍ମୀ ଉକ୍ତ ବସ୍ତାକୁ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ବସ୍ତାରେ ଗଞ୍ଜେଇ ଥିବା ଜଣା ପଡ଼ିବା ପରେ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା ରେଳବାଇ ପୋଲିସ। ପଚରା ଉଚରା ବେଳେ ଯୁବକ ଜଣକ ତାଙ୍କ ପରିଚୟ ଦେଇ ଉକ୍ତ ଗଞ୍ଜେଇକୁ ଚୋରାରେ ବିହାର ଚାଲାଣ କରୁଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଶ୍ରୀଶ୍ରୀ ସପ୍ତେଶ୍ୱର ମହାଦେବ ବାବା, ମାତା ପାର୍ବତୀଙ୍କ ବିବାହ ଉତ୍ସବ

ପଦ୍ମପୁର, ୧୦।୬ (ପ୍ରଦୀପ୍ତ ଦାଶ)

ସାର୍ବଜନୀନ ଶୀତଳଷଷ୍ଠୀ କମିଟି, ପଦ୍ମପୁର ତରଫରୁ ପଦ୍ମପୁର କଣ୍ଟାବନ୍ଧସ୍ଥିତ ଶ୍ରୀଶ୍ରୀ ସପ୍ତେଶ୍ୱର ମହାଦେବ ବାବାଙ୍କର ବିବାହ ଏବଂ ଶୀତଳ ଷଷ୍ଠୀ ଉତ୍ସବ ଆୟୋଜିତ ହୋଇଥିଲା। ରୀତିନୀତି ଅନୁଯାୟୀ କମିଟି ପକ୍ଷରୁ ପ୍ରଥମେ ସପ୍ତରଷି ଏବଂ ନବଗ୍ରହ ଦେବତାଙ୍କ ଆବାହନରେ ପତ୍ରପେଣ୍ଡି ଉତ୍ସବ ସମାପନ ସହ ମା'ଙ୍କର ଅଳଙ୍କାର ଧାରଣ ଉତ୍ସବ ପାଳନ କରାଯାଇଥିଲା। ସେହିପରି ମାନବୀୟ ପରମ୍ପରା ଓ ବୈଦିକ ରୀତିରେ ଉଭୟ ଶିବଶକ୍ତିଙ୍କର ପବିତ୍ର ପୂଜ୍ୟ ଏହି ବିବାହର ନୀତି ଅନୁଯାୟୀ ହରିଦ୍ର ଲେପନ ଉତ୍ସବ କରାଯାଇଥିଲା। ଯେଉଁଥିରେ ଶହଶହ ସଂଖ୍ୟାରେ ଭକ୍ତ ଯୋଗ ଦେଇ ନିଜର ପ୍ରଭୁଙ୍କୁ ସ୍ନେହ ହଳଦିରେ ଅଭିଷେକ କରିଥିଲେ। ଏହା ପରେ ରୁଦ୍ରାଭିଷେକ ସମ୍ପୂର୍ଣ୍ଣ ସହ ଭବ୍ୟ ଶୋଭାଯାତ୍ରାରେ ପଞ୍ଚବାଦ୍ୟ, ଦୁଲଦୁଲୀ, ସଙ୍କୀର୍ତ୍ତନ ସହ ଘଣ୍ଟ ଶଙ୍ଖ ଡମ୍ବରୁ ସହ ବୈଦିକ ମନ୍ତ୍ରରେ ସାରା ନଗର ପ୍ରକମ୍ପିତ ହୋଇଉଠିଥିଲା। ଭବ୍ୟ ପଟୁଆରରେ ଦେବାଦୀ ଦେବ ଶ୍ରୀଶ୍ରୀ ସପ୍ତେଶର ମହାଦେବ ବାବାଙ୍କର ବରଯାତ୍ରା ଭକ୍ତଙ୍କ ଭିତରେ ମାତା ଜଗତଜନନୀ ପାର୍ବତୀଙ୍କ ପିତା ମାତା ଘରେ ପହଁଞ୍ଚିବା ସହ ଦେବ ଦମ୍ପତିଙ୍କର ବିବାହ ଉତ୍ସବ ସମ୍ପୂର୍ଣ୍ଣ ହୋଇଥିଲା। ଏହି ଅବସରରେ ଏହି ପବିତ୍ର ବିବାହ ଉତ୍ସବର ସାକ୍ଷ୍ୟ ରହିବା ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କର ଭିଡ଼ ଜମିଥିଲା।



ସପ୍ତେଶ୍ୱର ମହାଦେବ ବାବାଙ୍କର ଶୀତଳଷଷ୍ଠୀ।

## କିଷାନ ସଂଘର ବୈଠକ

ବୌଦ୍ଧ,୧୦।୬ (ଅଜିତ କୁମାର ବାରିକ)

ଭାରତୀୟ କିସାନ ସଂଘ ବୌଦ୍ଧ ଶାଖା ପକ୍ଷରୁ ସୋମବାର ଦିନ ଗାୟତ୍ରୀ ମନ୍ଦିରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନବ ନିର୍ବାଚତ ବିଧାୟକ ସରୋଜ କୁମାର ପ୍ରଧାନ, କହ୍ନାଇ ଚରଣ ଡାଙ୍ଗ ଓ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀଙ୍କୁ ଅଭିନନ୍ଦନ ଜ୍ଞାପନ ଜଣାଯାଇଥିଲା । ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ବୌଦ୍ଧ ଗସ୍ତ ସମୟରେ ଗୁରୁଜୀମୁଣ୍ଡାର ଗମ୍ଭିରାଦରଠାରେ ଜଳଭଣ୍ଡାର ନିର୍ମାଣ ନେଇ ଦେଇଥିବା ପ୍ରତିଶ୍ରୁତି ତ୍ୱରାନ୍ୱିତ କରିବା ପାଇଁ ନୂତନ ଜନ ପ୍ରତିନିଧିଙ୍କ ନିକଟରେ ଦାବି କରିବା ପାଇଁ ସ୍ଥିର କରାଯାଇଥିଲା । କୃଷି ବିଭାଗ ପକ୍ଷରୁ ପ୍ରଚୁର ଧାନ ବିହନ ଓ ସାର ଗଚ୍ଛିତ ରଖିବାକୁ ନିବେଦନ କରାଯିବାକୁ ସ୍ଥିର କରାଯାଇଥିଲା । ବୈଠକରେ ଭୋଲାଗିରି ସାହୁ, ସୂର୍ଯ୍ୟ ମହାପାତ୍ର, ନବୀନ ପ୍ରଧାନ, ଦୃତିବାହନ କମ୍ପ, ଆରତ ଧଳ, ପ୍ରକାଶ ଦାସ, ଏସ. ପ୍ରଧାନ, ରାଜା ମଲିକଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ ।

# କ୍ରୀଷ୍ଣା ବିକାଶ ଗ୍ରୁପ ଛାତ୍ରୀଛାତ୍ରଙ୍କ ସଫଳତା

### ଆଇଆଇଟି-ଜେଇଇ ପରୀକ୍ଷାଫଳ

ବରଗଡ଼, ୧୦।୬ (ପ୍ରେମାନନ୍ଦ ଖମାରୀ)

ଚଳିତ ଶିକ୍ଷାବର୍ଷର ସଦ୍ୟ ପ୍ରକାଶିତ ସର୍ବଭାରତୀୟ ଆଇଆଇଟି ଜେଇଇ (ଏଡ଼ଭାନ୍ସଡ୍) ପ୍ରବେଶିକା ପରୀକ୍ଷା ୨୦୨୪ରେ କ୍ରୀଷ୍ଣା ବିକାଶ ଗ୍ରୁପ ଅନ୍ତର୍ଗତ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ସିବିଏସ୍‌ଇ ଦ୍ୱାଦଶ ବିଜ୍ଞାନ ଶ୍ରେଣୀର ୩ଜଣ ଛାତ୍ର ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଛାତ୍ର ପ୍ରଥମ ପ୍ରୟାସରେ ସଫଳ ହୋଇଛନ୍ତି। ସେମାନେ ଦେଶର ସ୍ୱନାମଧନ୍ୟ ଆଇଆଇଟି ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଡ଼ମିଶନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି କ୍ରୀଷ୍ଣା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ସୂଚନା ଦେଇଛନ୍ତି। ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଶାଖାର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ପରୀକ୍ଷାଫଳ ଉପରେ ସମ୍ପୂର୍ଣ୍ଣ ସୂଚନା ଦେଇଛନ୍ତି। ବିକାଶ ଆବାସିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ର ରିତେଶରାଜ ସାହୁ ୧୪୪୬ ର୍‍ୟାଙ୍କ(ଓବିସି), ପ୍ରିୟାଙ୍କ ଅଗ୍ରୱାଲ ୪୫୬୫ ର୍‍ୟାଙ୍କ(ସାଧାରଣ ବର୍ଗ), କିରନ କୁମାର ଭୋଇ ୬୯୪୬ ର୍‍ୟାଙ୍କ(ଓବିସି) ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜୟନ୍ତ କୁଅଁର ୪୬୬୮ ର୍‍ୟାଙ୍କ(ଏସସି) ସଫଳତାର ସହିତ ତାଲିକାର ଶୀର୍ଷରେ ରହି ବିଦ୍ୟାଳୟ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ପରୀକ୍ଷାଫଳରେ ଖୁସି ବ୍ୟକ୍ତ କରିବା ସହିତ ଶିକ୍ଷାବର୍ଷ ୨୦୨୩-୨୪ର ସମସ୍ତ ପରୀକ୍ଷା ଫଳାଫଳ ଉପରେ ବିବରଣୀ ଦେଇ ନିଟ୍(ୟୁଜି) ପରୀକ୍ଷାରେ ୩୪ ଛାତ୍ରୀଛାତ୍ର ୬୦୦ରୁ ଉର୍ଦ୍ଧ୍ୱ ମାର୍କ, ୬୮ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ମାର୍କ ଆଣିଥିବାବେଳେ ୨୩୦ ଛାତ୍ରୀଛାତ୍ର ସଫଳ ହୋଇଥିବା ସୂଚନା ଦେଇଛନ୍ତି। ସେହିପରି ଜେଇଇ ମେନ୍‌ପରୀକ୍ଷାରେ ୯୩ଛାତ୍ରୀଛାତ୍ର, ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀର ୭୨ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ, ସିବିଏସଇ ଦଶମ ଶ୍ରେଣୀର ୮୩ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ, ସିଏଚଏସ୍‌ଇ ଯୁକ୍ତଦୁଇ ପରୀକ୍ଷାର ୬ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ସଫଳ ହୋଇଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରୁ କ୍ରୀଷ୍ଣା ବିକାଶ ଗ୍ରୁପରେ ବୋର୍ଡ଼ ତଥା ପ୍ରବେଶିକା ପରୀକ୍ଷା ପାଇଁ ଗୁଣାତ୍ମକ ମାନର ଶିକ୍ଷାଦାନ ସହିତ ସଫଳତା କୌଶଳ ନିମନ୍ତେ ଶିକ୍ଷାଦାନ କରାଯିବା ହିଁ ସଫଳତାର ରହସ୍ୟ ବୋଲି କ୍ରୀଷ୍ଣା ମତବ୍ୟକ୍ତ କରିଛନ୍ତି। ଏହି ଅନନ୍ୟ ସଫଳତାରେ କ୍ରୀଷ୍ଣା ବିକାଶ ଗ୍ରୁପର ଟ୍ରଷ୍ଟି ଦାଶରୀ ରାମ ତୁଳସୀ, ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ସଫଳ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ରିତେଶରାଜ ସାହୁ



ପ୍ରିୟାଙ୍କ ଅଗ୍ରୱାଲ



କିରନ କୁମାର ଭୋଇ



ଜୟନ୍ତ କୁଅଁର

